୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.165 Bhubaneswar Tuesday August 06 2024 | ୨୬ତମ ବର୍ଷ ସଂଖ୍ୟା–୧୬୫ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୦୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ବିଜେଡିର ନୂଆ ଚାଲ୍: ପାଣ୍ଡିଆନଙ୍କ ବିରୁଦ୍ଧରେ ବିଷୋଦଗାର ପରେ ଗଢ଼ାହେଲା ଦେବୀଙ୍କ ନେତୃତ୍ୱରେ ୧୫ଜଣିଆ ଟିମ୍

ଭୁବନେଶ୍ୱର,୫।୮(ପି.ଏନ): ଯିଏ ଖଳନାୟକ ସାଜି ୨୪ବର୍ଷର ବିଜେଡି ଶାସନର ପତନର କାରଣ ସାଜିଲେ, ଏବେ ତାଙ୍କୁ କୋଳେଇ ଧରି ଓ ବ?ୁଥିବା ଅସନ୍ତୋଷକୁ ଚାପାଇବା ପାଇଁ ବିଜେଡି ଆଜି ଏକ ନୂଆ ଚାଲ୍ ଖେଳିଛି । ଗଞ୍ଜାମ ଜିଲ୍ଲାର ନେତାମାନେ ଗତ ୩ଦିନ ତଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଗରେ ଦଳର ବିପର୍ଯ୍ୟୟ ପାଇଁ ଖୋଲାଖୋଲି ଭାବେ ପାଣ୍ଡିଆନଙ୍କୁ ଦାୟୀ କରିବାପରେ ଆଜି ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ୧୫ଜଣିଆ କମିଟି ଗଠନ ହୋଇଛି । ବରିଷ୍ଠ ନେତାମାନଙ୍କୁ ନେଇ ଗଢ଼ାଯାଇଥିବା ଏହି କମିଟି ରାଜ୍ୟବ୍ୟାପୀ ବିଜୁ ଜନତା ଦଳର ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା ନିମନ୍ତେ କାର୍ଯ୍ୟ କରିବ ବୋଲି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି । ତେବେ ରାଜ୍ୟରେ ବିଜେଡିର ଦୀର୍ଘ ୨୪ବର୍ଷ ଶାସନର ପତନ କାହିଁକି ହେଲା ଓ କିଏ ଦାୟୀ ତା'ର ସମୀକ୍ଷା ପାଇଁ କମିଟି



ଗଢ଼ିପାରୁନଥିବା ନବୀନ ଏବେ ଦଳର ବିଭିନ୍ନ ଓ୍ୱିଙ୍ଗକୁ ପଙ୍ଗୁ କରି ରଖି ୧୫ଜଣିଆ କମିଟିକୁ ଦଳୀୟ କାର୍ଯ୍ୟକ୍ରମ ପାଇଁ ଦାୟିତ୍ୱ ନ୍ୟସ୍ତ କରିବା ବିଜେଡି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ତା'ଛଡା ଦେବୀ ମିଶ୍ରଙ୍କ କମିଟିରେ ଭିକେ ପାଣ୍ଡିଆନଙ୍କ ଖାସ୍ ପ୍ରଣବପ୍ରକାଶ ଦାସ, ସୁଶାନ୍ତ ସିଂ, ମାନସ ମଙ୍ଗରାଜ ଓ ଦିବ୍ୟଶଙ୍କର ମିଶ୍ରଙ୍କ ଭଳି ନେତାମାନଙ୍କୁ ଅତ୍ୟନ୍ତ ଚତୁରତାର ସହ ଦୂରେଇ ରଖାଯାଇଛି । ଯଦିଓ ପାଣ୍ଡିଆନ ଏବେବି ନବୀନ ନିବାସରୁ ବିଜେଡିକୁ ସଂଚାଳନ କରୁଛନ୍ତି ଓ ଦେବୀ ତାଙ୍କୁ ନିୟମିତ ଭାବେ ସାକ୍ଷାତ କରୁଥିବା ଜଣାପଡିଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଜାରି ନିର୍ଦ୍ଦେଶନାମା ଅନୁସାରେ ରାଜ୍ୟବ୍ୟାପୀ ଦଳର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସମନ୍ୱୟ ରକ୍ଷା ନିମନ୍ତେ ଏକ କମିଟି ଗଠନ କରାଗଲା, ଯାହା ତତ୍କାଳ ପ୍ରଭାବରୁ କାର୍ଯ୍ୟକ୍ଷମ ହେବ । ଏହି କମିଟିର ଅଧ୍ୟକ୍ଷ ଭାବେ ଦେବୀପ୍ରସାଦ ମିଶ୍ର ରହିଥିବାବେଳେ ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ବିକ୍ରମକେଶରୀ ଆରୁଖ, ପ୍ରତାପ କେଶରୀ ଦେବ, ପ୍ରଦୀପ କୁମାର ଅମାତ୍?, ଅରୁଣ କୁମାର ସାହୁ, ଅଶ୍ୱିନୀ କୁମାର ପାତ୍ର, ପ୍ରତାପ ଜେନା, ଶାରଦା ପ୍ରସାଦ ନାୟକ, ସୁଦାମ ମାର୍ଣ୍ଡି, ମନୋହର ରନ୍ଧାରୀ, ସ୍ନେହାଙ୍ଗିନୀ ଛୁରିଆ, ମହେଶ ସାହୁ ଓ ଦେବେଶ ଆଚାର୍ଯ୍ୟ ସଦସ୍ୟ ଅଛନ୍ତି ।

## ମହାପ୍ରଭୁଙ୍କ ରତ୍ନଭଣ୍ଡାର ଭିତରେ ଅଛି କି ଗୁପ୍ତ କୋଠରୀ?



ଭୁବନେଶ୍ୱର,୫।୮(ପି.ଏନ): ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଭିତରେ ଅଛି କି ଅଧିକ ଗୁପ୍ତ କୋଠରୀ ଏ ଚର୍ଚ୍ଚା ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ନୂଆ ଏସ୍ଓପିକୁ ଆଜି ଅନୁମୋଦନ କରିଛି ଶ୍ରୀମନ୍ଦିର ପରଚାଳନା କମିଟି । ଯେଉଁଥିରେ ଲେଜର ସ୍କାନିଂ ବା ସାଇଣ୍ଟିଫିକ ମେଥଡ୍ ନେଇ ଏସ୍ଓପି କରାଯାଇଛି । ରାଜ୍ୟ ସରକାରଙ୍କ ଅନୁମତି ପାଇବା ପରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଏଏସଆଇ ରତ୍ନଭଣ୍ଡାରର ଅନୁଧ୍ୟାନ କରାଯିବ । ଯେଉଁଥିରେ ବିଶେଷଜ୍ଞ ସହାୟତା ନିଆଯିବ । ଭିତର ଭଣ୍ଡାର ଘରେ ଥିବା ସିନ୍ଦୁକ ଓ ଆଲମୀରା ସବୁକୁ ନୀଳାଦ୍ରି ମ୍ୟୁଜିୟମକୁ ସ୍ଥାନାନ୍ତର ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ସେହିପରି ଶ୍ରୀମନ୍ଦିର ଅଧୀନରେ ଥିବା ଜମିର କିଣାବିକା ନେଇ ସ୍ୱତନ୍ତ୍ର ଚିଠା ପ୍ରସ୍ତାବକୁ ବି ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବା ପ୍ରସ୍ତାବକୁ ମୋହର ମାରିଛି ମ୍ୟାନେଜିଂ କମିଟି । ତା'ସହ ଏଣିକି ଶ୍ରୀମନ୍ଦିରରେ କର୍ମଚାରୀ ନିୟୋଜନ କାର୍ଯ୍ୟ ଅଧିକୃତ ସରକାରୀ ସଂସ୍ଥା ଦ୍ୱାରା କରାଯିବାକୁ ନିଷ୍ପତ୍ତି ହୋଇଛି ।

## ଡିଜି ପାହ୍ୟାର ୩ ବରିଷ୍ଠ ଆଇପିଏସଙ୍କୁ ମଗାଗଲା ବାୟୋଡାଟା

ଭୁବନେଶ୍ୱର,୫।୮(ପି.ଏନ): ରାଜ୍ୟରେ ସ୍ଥାୟୀ ପୁଲିସ ଡିଜି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଗ୍ରୀନ୍ ସିଗନାଲ ମିଳିବା ପରେ ଏବେ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇଛି । ୩ଜଣ ବରିଷ୍ଠ ଆଇପିଏସଙ୍କୁ ଚିଠି ଲେଖି ନିର୍ଦ୍ଧାରିତ ଫର୍ମାଟରେ ନିଜର ବାୟୋଡାଟା ରାଜ୍ୟ ଗୃହ ବିଭାଗକୁ ପଠାଇବାକୁ ପୁଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ ଡିଜି ଚୟନ ପାଇଁ କେନ୍ଦ୍ର ଲୋକସେବା ଆୟୋଗ(ୟୁପିଏସସି)ଙ୍କ ନିକଟକୁ ପ୍ରସ୍ତାବ ପଠାଇବା ନିମନ୍ତେ ଏହି ବାୟୋଡାଟା ମଗାଯାଇଥିବା ଜଣାପଡିଛି ।ସୂଚନା ଅନୁସାରେ, ରାଜ୍ୟ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଡିଜି ଗତକାଲି ୧୯୮୮ ବ୍ୟାଚ୍ ଆଇପିଏସ୍ ଅରୁଣ କୁମାର ରାୟ, ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଏସଏମ ନରଓ୍ୱଣେ ଓ ୧୯୯୦ ବ୍ୟାଚ୍‌ର ଓ୍ୱାଇବି ଖୁରାନିଆଙ୍କୁ ଚିଠି ଲେଖି ନିର୍ଦ୍ଧାରିତ ଫର୍ମାଟରେ ନିଜର ବାୟୋଡାଟା (ଏକାଡେମିକ ସଫଳତା ସହ) ପଠାଇବାକୁ କହିଛନ୍ତି । ଶ୍ରୀ ରାୟ ଏବେ ରାଜ୍ୟ ପ୍ରିଣ୍ଟିଂ ଆଣ୍ଡ ପବ୍ଲିକେସନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ଶ୍ରୀ ନରଓ୍ୱଣେ ଗୃହ ବିଭାଗର ଓଏସଡି ଏବଂ ଶ୍ରୀ ଖୁରାନିଆ ବିଏସଏଫ ସ୍ୱତନ୍ତ୍ର ଡିଜି ଭାବେ କାର୍ଯ୍ୟ କରୁଥିବା ପୁଲିସ ମୁଖ୍ୟାଳୟ ଚିଠିରୁ ଜଣାପଡିଛି । ଅବଶ୍ୟ ଇତିମଧ୍ୟରେ କେନ୍ଦ୍ର ସରକାର ତତ୍କାଳ ପ୍ରଭାବରୁ ଖୁରାନିଆଙ୍କ ଡେପୁଟେସନ ଅବଧିକୁ ଆଗୁଆ ସମାପ୍ତ କରି ଓଡିଶା ଫେରାଇ ଦେଇଛନ୍ତି ।

## ଆବଶ୍ୟକ ପଡିଲେ ପଞ୍ଜାବରୁ ମଗାଯିବ ଆଳୁ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର,୫।୮(ପି.ଏନ): ଆବଶ୍ୟକ ପଡିଲେ ପଞ୍ଜାବରୁ ମଗାଯିବ ଆଳୁ । ଏନେଇ ପ୍ରତିକ୍ରିୟା ରଖିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ତେବେ ଉତ୍ତର ପ୍ରଦେଶ ଆଳୁ ଶୀଘ୍ର ପଡ଼ିବା କଥା ମିଛ । ଏପରିକି ଉତ୍ତର ପ୍ରଦେଶରୁ ଆସିଥିବା ଆଳୁ ବିକ୍ରି ହେଲାଣି । ଏହାର ମାନ ବହୁତ ଭଲ ବୋଲି ଲୋକେ କହିଛନ୍ତି । ତେବେ ପଶ୍ଚିମବଙ୍ଗ ବ୍ଲାକମେଲର ଶିକାର ନ ହୋଇ ସ୍ୱାଭିମାନକୁ ଦେଖିଲୁ ବୋଲି କହିଛନ୍ତି ମନ୍ତ୍ରୀ । ପଶ୍ଚିମବଙ୍ଗରୁ ଓଡିଶା ଆସୁଥିବା ଆଳୁକୁ ପଶ୍ଚିମବଙ୍ଗ ପୁଲିସ ଓ ପ୍ରଶାସନ ଅଟକାଇବା ପରେ ଉତ୍ତର ପ୍ରଦେଶରୁ ରାଜ୍ୟକୁ ଆସୁଥିଲା ଆଳୁ । ଏହାରି ଭିତରେ ପୁଣି ଆବଶ୍ୟକ ପଡିଲେ ପଞ୍ଜାବରୁ ଆଳୁ ମଗାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି ।

## ବାଂଲାଦେଶକୁ ଟ୍ରେନ୍ ଓ ବିମାନ ଚଳାଚଳ ସ୍ଥଗିତ

ଭୁବନେଶ୍ୱର,୫।୮(ପି.ଏନ): ବାଂଲାଦେଶକୁ ଟ୍ରେନ୍ ଚଳାଚଳ ବନ୍ଦ ରଖିଲେ ଭାରତ ସରକାର । ବ୍ୟାପକ ହିଂସା ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ କୋଲକାତାରୁ ବାଂଲାଦେଶ ଚଳାଚଳ କରୁଥିବା ସମସ୍ତ ଟ୍ରେନ ସେବାକୁ ସ୍ଥଗିତ ରଖାଯାଇଛି । ସୂଚନା ଅନୁସାରେ, କୋଲକାତାରୁ ବାଂଲାଦେଶର ରାଜଧାନୀ ଢାକା ଏବଂ ଖୁଲନାକୁ ଯାତ୍ରା କରୁଥିବା ଟ୍ରେନ ଚଳାଚଳ ବନ୍ଦ ରଖାଯାଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୫ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

–ପ୍ରକାଶକ

## ୨୬ ଓଏଏସଙ୍କ ବଦଳି: ନବୀନ ସରକାରର ଖାସ୍ ଅଫିସରମାନଙ୍କୁ ମିଳିଲା ନୂଆ ଦାୟିତ୍ୱ

ଭୁବନେଶ୍ୱର,୫।୮(ପି.ଏନ): ରାଜ୍ୟର ମୋହନ ମାଝୀଙ୍କ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାପରେ ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଏହା ପ୍ରଥମ ବଡଧରଣର ଅଦଳବଦଳ । ନବୀନ ପଟ୍ଟନାୟକ ସରକାରଙ୍କ ଖାସ୍ ଥିବା କିଛି ଓଏଏସ୍ ଅଫିସରଙ୍କୁ ମଧ୍ୟ ଆଜିର ବଦଳିରେ ନୂଆ ଦାୟିତ୍ୱ ମିଳିଛି । ନବୀନ ପଟ୍ଟନାୟକ ସରକାରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଅବସ୍ଥାପିତ ଥିବା ବରିଷ୍ଠ ଓଏଏସ୍ ଲାଲା ମନୋଜ କୁମାର ରାୟ, ଶୁଭ୍ରାଂଶୁ ମିଶ୍ର, ମନୋଜ କୁମାର ସ୍ୱାଇଁ ଓ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ପୂର୍ବ ସରକାରର ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ମଧ୍ୟ ଆଜି ନୂଆ ନିଯୁକ୍ତି ମିଳିଛି । ରାଜ୍ୟରେ ମୋହନ ସରକାର କ୍ଷମତାସୀନ ହେବାପରେ ବିଜେଡିର ଏହି ଖାସ୍ ଅଫିସରମାନଙ୍କୁ ରାଜ୍ୟ ସଂସଦୀୟ ବ୍ୟାପାର ଓ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରିଦିଆଯାଇଥିଲା ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ ମୋଟ ୨୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । କୃଷି ଓ କୃଷକ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ଗଙ୍ଗାଧର ନାୟକଙ୍କ ଗତ ଫେବୃଆରୀ ୧୩ତାରିଖରେ ଓଡିଶା ମାନବାଧିକାର କମିଶନଙ୍କ ସଚିବ ଭାବେ ବଦଳିକୁ ଆଜି ବାତିଲ କରାଯାଇଛି ।

**ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ଥିଲେ,**




**ଏବେ ମିଳିଲା ନୂଆ ଦାୟିତ୍ୱ**

୧-ଲାଲା ମନୋଜ କୁମାର ରାୟ, ଡେପୁଟି ଡିଜି, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ

୨- ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ସଚିବ, କୃଷି ଓ କୃଷକ କଲ୍ୟାଣ

୩- ରବୀନ୍ଦ୍ର କୁମାର ସେଠୀ, ଜେନେରାଲ ମ୍ୟାନେଜର, ଓଡିଶା ବନ ଉନ୍ନୟନ ନିଗମ

୪-ମନୋଜ କୁମାର ସ୍ୱାଇଁ, ଯୁଗ୍ମ କମିଶନର, ବିଡିଏ

ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିଲେ, ଏବେ ମିଳିଲା ନୂଆ ଦାୟିତ୍ୱ

୧- ପ୍ରତାପ ଚନ୍ଦ୍ର ହୋତା, ସ୍ୱତନ୍ତ୍ର ସଚିବ, ସଂସଦୀୟ ବ୍ୟାପାର

୨- ପ୍ରଶାନ୍ତ କିଶୋର ମହାପାତ୍ର, ଅତିରିକ୍ତ ସଚିବ, ଉଚ୍ଚଶିକ୍ଷା ବିଭାଗ

୩- ଏସକେ ଜମିରୁଦ୍ଦିନ, ଅତିରିକ୍ତ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ

୪- ମାନସ ରଞ୍ଜନ ପାଢ଼ୀ, ଅତିରିକ୍ତ ସଚିବ, ସାଧାରଣ ପ୍ରଶାସନ ବିଭାଗ

୫- ସୁରଞ୍ଜନ ପ୍ରଧାନ, ଅତିରିକ୍ତ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ

୬- ସରୋଜ କୁମାର ରାଉତ, ଅତିରିକ୍ତ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ

୭- ଅରୂପ କୁମାର ସାହୁ, ଅତିରିକ୍ତ ସଚିବ, ପଂଚାୟତିରାଜ ଓ ପାନୀୟ ଜଳ

୮- ପୂର୍ଣ୍ଣଚନ୍ଦ୍ର ଦଳେଇ, ଅତିରିକ୍ତ ସଚିବ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ

୯- ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ସଚିବ, କ୍ରୀଡା ଓ ଯୁବବ୍ୟାପାର ବିଭାଗ

୧୦-ସୁକାନ୍ତ କୁମାର ପ୍ରଧାନ, ଅତିରିକ୍ତ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

୧୧-କୈଳାସ ଚନ୍ଦ୍ର ଦାସ, ଯୁଗ୍ମ କମିଶନର, ଭୁବନେଶ୍ୱର ମହାନଗର ନିଗମ

୧୨-ରଶ୍ମୀରଞ୍ଜନ ସାହୁ ମୁଖ୍ୟ, ଜେନେରାଲ ମ୍ୟାନେଜର, ଓସଡମା

୧୩- ଅଞ୍ଜନ କୁମାର ଦାସ, ଯୁଗ୍ମ ସଚିବ, ସାଧାରଣ ପ୍ରଶାସନ ବିଭାଗ

୧୪-ଅରୁଣ କୁମାର ମଲ୍ଲିକ, ଯୁଗ୍ମ ସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ

୧୫- ଦୀନକୃଷ୍ଣ କର, ଯୁଗ୍ମ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ

**ଅନ୍ୟ ବରିଷ୍ଠ ଓଏଏସ୍‌ଙ୍କୁ ନୂଆ ଦାୟିତ୍ୱ**

୧- ପ୍ରତାପ କୁମାର ମିଶ୍ର, ସ୍ୱତନ୍ତ୍ର ସଚିବ, ସାଧାରଣ ଉଦ୍‌ଯୋଗ ବିଭାଗ

୨- ସୁକାନ୍ତ କୁମାର ବେହେରା, ସଚିବ, ଓଡିଶା ମାନବାଧିକାର କମିଶନ

୩- କୃତିବାସ ରାଉତ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ

୪-ବିବେକାନନ୍ଦ ସାହୁ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ

୫- ବିଥିକା ସ୍ୱାଇଁ, ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ,ବାଲେଶ୍ୱର

୬- ସବ୍ୟସାଚୀ ହୋତା, ଜେନେରାଲ ମ୍ୟାନେଜର, ଓକାକ୍, ଭୁବନେଶ୍ୱର

୭- ଚିନ୍ମୟ କୁମାର ଆଚାର୍ଯ୍ୟ, ଯୁଗ୍ମ ସଚିବ, ସଂସଦୀୟ ବ୍ୟାପାର

## ବିଜେଡିକୁ ନେଇ ବର୍ଷିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର,୫।୮(ପି.ଏନ): ବିଜେଡିରୁ ମମତା ମହନ୍ତ ଇସ୍ତଫା ଦେଇ ପଦ୍ମ ଧରିଛନ୍ତି । ମମତାଙ୍କ ଏହି ପଦ୍ମ ଧରିବାକୁ ନେଇ ରାଜନୈତିକ ମହଲରେ ଏବେ ଚର୍ଚ୍ଚାର ଶଙ୍ଖଧ୍ୱନି ବେଶ ଶବ୍ଦ କରୁଛି । ଚାରିଆଡେ ତାଙ୍କୁ ନେଇ କେବଳ ଚର୍ଚ୍ଚା । ବର୍ତ୍ତମାନ ମମତାଙ୍କୁ ନେଇ ସାଂସଦ ଅପରାଜିତା କହିଛନ୍ତି ଯେ, ମମତା ଦଳ ଛାଡିବା କେବଳ ଏକ ଟ୍ରେଲର ଥିଲା ଓ ଆଗକୁ ଲୋକେ ଫିଲ୍ମ ଦେଖିବାକୁ ବି ପାଇବେ । ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଅନୁସୂଚିତ ଜନଜାତି ମୋର୍ଚ୍ଚାର କାର୍ଯ୍ୟକ୍ରମରେ ଯୋଗ ଦେଇ ସାଂସଦ ଅପରାଜିତା ଷଡଙ୍ଗୀ ସିଧାସଳଖ ବିଜେଡିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ଘର ଦୁର୍ବଳ ହେଲେ ଭାଙ୍ଗିବାଟା ଥୟ । ଫଳରେ ଘରେ ରହୁଥିବା ଲୋକେ ମଧ୍ୟ ଭୟଭୀତ ହେବା ସ୍ୱାଭାବିକ କଥା ବୋଲି କହି ବର୍ଷିଛନ୍ତି ଅପରାଜିତା । ଘରର ଅବସ୍ଥା ଭଳି ବିଜେଡି ବି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ଓ ବିଜେଡି ନେତାଙ୍କ ଭବିଷ୍ୟତ ମଧ୍ୟ ବିପଦରେ ବୋଲି ସାଂସଦ ଷଡଙ୍ଗୀ ଜଣାଇଛନ୍ତି । ବିଜେଡିର ଦୁର୍ବଳତା କାରଣରୁ ଦଳର ନେତାମାନେ ଅନ୍ୟ ବାଟ ଆପଣାଉଥିବା କଥା କହିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ । ମମତା ମହନ୍ତ ଦଳ ଛାଡିବା ତ କେବଳ ଟ୍ରେଲର ଥିଲା । ଲୋକେ ଆଗକୁ ସିନେମା ବି ଦେଖିବାକୁ ପାଇବେ ବୋଲି କହି ଅପରାଜିତା ନିଜର ତୀକ୍ଷ୍ଣ ଶର ମାରିଛନ୍ତି ବିଜେଡିକୁ । ତାଙ୍କର ଏହି କଥାର ତାତ୍ପର୍ଯ୍ୟ ହେଉଛି ଆଗାମୀ ଦିନରେ ଆହୁରି ନେତା ବିଜେଡି ଛାଡିବା । କହିରଖୁ, ନିକଟରେ ବିଜେଡି ରାଜ୍ୟସଭା ସାଂସଦ ମମତା ମହନ୍ତ ଶଙ୍ଖ ଛାଡି ପଦ୍ମ ଧରିଥିଲେ । ଏହାପରଠୁ ରାଜ୍ୟ ରାଜନୀତିରେ ଆରୋପ ପ୍ରତ୍ୟାରୋପର ପର୍ବ ଲାଗିରହିଛି । ଯାହା କେବେ ସରିବ ତାହା ତ ସମୟ କହିବ ।

## ବାଂଲାଦେଶର ଶାସନ ଦାୟିତ୍ୱ ହାତକୁ ନେଲେ ସେନା ମୁଖ୍ୟ

ଭୁବନେଶ୍ୱର,୫।୮(ପି.ଏନ): ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଶେଖ ହସିନା ଦେଶ ଛାଡିବାରୁ ଏବେ ବାଂଲାଦେଶରେ ଲାଗୁ ହୋଇଛି ସେନା ଶାସନ । ଦେଶର ସେନା ମୁଖ୍ୟ ଜେନେରାଲ ଓ୍ୱାକେର ଉଜ ଜମାନ ବାଂଲାଦେଶର ଶାସନ ଭାର ନିଜ ହାତକୁ ନେଇଛନ୍ତି ।ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା କଥା ଜେନେରାଲ ଜମାନ କହିବା ପରେ ଲୋକଙ୍କୁ ଶାନ୍ତି ବଜାୟୀ ରଖିବାକୁ ଅନୁରୋଧ କରିଛନ୍ତି । ଏଥିସହ ସେ ବିଭିନ୍ନ ରାଜନୀତିକ ଦଳର ନେତାଙ୍କୁ ଭେଟି ଦେଶର ଆଇନ ଶୃଙ୍ଖଳାର ସବୁ ଦାୟିତ୍ୱ ଏବେ ଠାରୁ ତାଙ୍କର ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତାଙ୍କର ଏପରି ଘୋଷଣା ପରେ ଦେଶରେ ବିଧିବଦ୍ଧ ଭାବେ ସାମରିକ ଶାସନ ଆରମ୍ଭ ହୋଇଛି ।ଜେନେରାଲ ଓ୍ୱାକେର ଉଜ



ଜମାନ ସେନା ପୋଷାକରେ ଦେଶକୁ ସମ୍ବୋଧନ କରି କହିଛନ୍ତି, "ଆମେ ଗୋଟିଏ ଅନ୍ତରୀଣ ସରକାର ଗଠନ କରିବୁ । ଏ ଦେଶ ଅନେକ କିଛି ହରାଇଛି । ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି । ଅନେକ ଲୋକଙ୍କୁ ହତ୍ୟା କରାଯାଇଛି । ଏବେ ହିଂସା ବନ୍ଦ କରିବାର ସମୟ । ଏହି ସମ୍ବୋଧନ ପରେ ମୋର ଆଶା ସ୍ଥିତିରେ ସୁଧାର ଆସିବ ।"

## 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଶୁଣିଲେ ଲୋକଙ୍କ ଦୁଃଖ: ଶୀଘ୍ର ଫଇସଲା ପାଇଁ ଅଧିକାରୀମାନଙ୍କୁ ଦେଲେ ନିର୍ଦ୍ଦେଶ

ଭୁବନେଶ୍ୱର,୫।୮(ପି.ଏନ): 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଲୋକଙ୍କୁ ଶୁଣିବାର ଧାରା ଜାରି ରଖିଛନ୍ତି । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଲୋକପ୍ରିୟତା ହାସଲ କରିଥିବା ମୋହନ ଚରଣ ମାଝୀ ଆଜି ରାଜ୍ୟ ଅଭିଯୋଗ ପ୍ରକୋଷ୍ଠରେ ଶହ ଶହ ଲୋକଙ୍କ ଠାରୁ ସେମାନଙ୍କ ସମସ୍ୟା ଶୁଣିଥିଲେ । ଲୋକଙ୍କୁ ଆଶ୍ୱାସନା ଦେବା ଓ ସମସ୍ୟା ସମାଧାନ ହେବାର ପ୍ରତିଶୃତି ଦେବା ସହିତ ଧର୍ଯ୍ୟହରା ନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ସାଧାରଣ ଲୋକଟିଏ ପକ୍ଷରେ ଜଣେ ଉଚ୍ଚ ପଦାଧିକାରୀଙ୍କୁ ଭେଟିବା କଷ୍ଟକର ହୋଇଥାଏ । କିନ୍ତୁ ନିଜେ ମୁଖ୍ୟମନ୍ତ୍ରୀ ଯେତେବେଳେ ତାଙ୍କ ଦୁଃଖ ଶୁଣୁଛନ୍ତି, ସେତେବେଳେ ସେମାନେ ଖୁସିରେ ଆତ୍ମହରା ହେଉଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆଦରପୂର୍ଣ୍ଣ କଥାରେ ସେମାନେ ଆନନ୍ଦିତ ହେଉଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ



ଠାରୁ ନିର୍ଦ୍ଦେଶ ପାଇ ଅଧିକାରୀମାନେ ମଧ୍ୟ ତତ୍ପରାତର ସହ ଲୋକଙ୍କ ଅଭିଯୋଗକୁ ସଂପୃକ୍ତ ବିଭାଗକୁ ତ୍ୱରିତ ପଦକ୍ଷେପ ପାଇଁ ପ୍ରେରଣ କରୁଥାନ୍ତି । ଏ ଥିଲା ଆଜିର ଅଭିଯୋଗ ପ୍ରକୋଷ୍ଠର ଦୃଶ୍ୟ- ଯେଉଁଠି ସାଧାରଣ ଲୋକ ଓ ସରକାରଙ୍କ ମଧ୍ୟରେ ନଥିଲା କୌଣସି ପ୍ରାଚୀର । ଜୁଲାଇ ୧ ତରିଖରୁ ଆରମ୍ଭ ହୋଇଥିବା ଅଭିଯୋଗ ଶୁଣାଣି ପ୍ରକ୍ରିୟା ଆଜି ତୃତୀୟ ଦିନରେ ପହଞ୍ଚିଥିଲା । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜି ମୁଖ୍ୟମନ୍ତ୍ରୀ ସକାଳ ୧୦ଟାରେ ଶୁଣାଣି ଆରମ୍ଭ କରି ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଶୁଣାଣି ଜାରି ରଖିଥିଲେ । ସମୁଦାୟ ୨୪୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ଏବଂ ପ୍ରାୟ ୫ ହଜାରରୁ ଅଧିକ ଲୋକ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ଭେଟି ଥିଲେ ।

## ଭିଜିଲାନ୍ସ ଜାଲରେ ଓବିସିସିର ଅତିରିକ୍ତ ମୁଖ୍ୟଯନ୍ତ୍ରୀ: ଅମାପ ସଂପତ୍ତି ଠାବ

ଭୁବନେଶ୍ୱର,୫।୮(ପି.ଏନ): ଭିଜିଲାନ୍ସ ଜାଲରେ ପଡିଥିବା ଓଡିଶା ବ୍ରିଜ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ(ଓବିସିସି)ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଅମାପ ସଂପତ୍ତି ଦେଖି ତାଜୁବ୍ ଭିଜିଲାନ୍ସ ଟିମ୍ । ପ୍ରଦୀପ କୁମାର ରଥଙ୍କର ୪୨ରୁ ଅଧିକ ପ୍ଲଟ, ଭୁବନେଶ୍ୱରରେ ୨ଟି ଦାମୀ ଫ୍ଲାଟ୍, ଭଦ୍ରକ ଓ ରାଜଧାନୀରେ ଦୁଇଟି ତିନିମହଲା ଘର, ରାଜଧାନୀରେ ମେଡିସିନ ଷ୍ଟୋର, ଢେଙ୍କାନାଳରେ କ୍ରସର ୟୁନିଟ୍, ୮୮ ଲକ୍ଷ ଜମା, ଗୋଟିଏ ଚାରି ଚକିଆ, ୨ଟି ଜେସିବି ଠାବ ହୋଇଛି । ଏହାଛଡା ସୁନା ହାର, ବ୍ରେସଲେଟ୍, ମୁଦି, ରୁପା କଏନ ଆଦି ମଧ୍ୟ ଜବତ ହୋଇଛି । ଏଣେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ସତ୍ୟନଗର ଘରେ ପହଞ୍ଚି କଟକ ଡିଭିଜନ ଏସ୍?ପି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି ।ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୧୨ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚାଲିଛି ଚଢ଼ଉ । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ କଟକ ବାରବାଟୀ ଷ୍ଟାଡିୟମରେ ଥିବା କାର୍ଯ୍ୟାଳୟ ସମେତ କଟକ, ଭୁବନେଶ୍ୱର, ଭଦ୍ରକ, ଯାଜପୁର ଓ ଖୋର୍ଦ୍ଧାର ୧୨ଟି ଠିକଣାରେ ଖୋଳତାଡ କରୁଛନ୍ତି ଭିଜିଲାନ୍ସ ଟିମ୍ ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସେଠାରେ ଥିବା ସଦୃଶ ନିୟୋଜିତ କରାଯାଇଥିଲା ।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’ । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ । |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି । |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ । |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ । |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ । |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ । |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ । |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ । |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ । |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ । |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ । |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ । |

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୦୬**

# ଧର୍ମ ବନାମ ରାଜନୀତି (୧)


ପ୍ରଦୀପ୍ତ କୁମାର ଜେନା

କିଛିଦିନ ତଳେ ସଂସଦରେ ରାହୁଲ ଗାନ୍ଧୀଙ୍କ ହିନ୍ଦୁ ହିଂସ୍ରକ ଶବ୍ଦକୁ ନେଇ ତୁମ୍ବି ତୋଫାନ ସୃଷ୍ଟି ହୋଇଥିଲା । କଂଗ୍ରେସର ଅଭିଯୋଗ ବିଜେପି ଧର୍ମକୁ ନେଇ ରାଜନୀତି କରୁଛନ୍ତି । ସାଧାରଣତଃ ଲୋକମାନେ ଧର୍ମ କହିଲେ, ହିନ୍ଦୁ ଧର୍ମ, ମୁସଲିମ ଧର୍ମ, ଖ୍ରୀଷ୍ଟ ଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମକୁ ବୁଝିଥାନ୍ତି । ବାସ୍ତବରେ ଧର୍ମର ସଂଜ୍ଞା ବଡ଼ ବ୍ୟାପକ । ଧର୍ମ ଶବ୍ଦଟି 'ଧୃ' ଧାତୁରୁ ଉତ୍ପନ୍ନ । ଧାରୟତି ଇତି ଧର୍ମ । ଧର୍ମ କର୍ମ ସହିତ ଜଡିତ । ବ୍ରାହ୍ମଣର କର୍ମ ବେଦ ପାଠ କରିବା, ଜ୍ଞାନ ବା ିବା, ଅନ୍ୟ ସମସ୍ତ ବର୍ଣ୍ଣର ଲୋକମାନଙ୍କୁ ମାର୍ଗ ଦର୍ଶନ କରିବା, ଭଲ ମଣିଷ ହେବାକୁ ଉପଦେଶ ଦେବା, ସତ୍ୱିକ ଜୀବନଯାପାନ କରିବା, ସାକାହାରୀ ହେବା ଇତ୍ୟାଦି ଏହା ବ୍ରାହ୍ମଣର କର୍ମ ଓ ଏହା ତା'ର ଧର୍ମ । ଯଦି ବ୍ରାହ୍ମଣ ଜଣକ ହିଂସା ଆଚରଣ କରେ, ଜୀବ ହତ୍ୟା କରେ, ଆମିଷ ଭକ୍ଷଣ କରେ, ମଦ୍ୟପନ କରେ, ସେ ତା'ର ଧର୍ମରୁ ବିଚ୍ୟୁତ ହେଲା ବୋଲି କୁହାଯିବ । ଧର୍ମର ସଂଜ୍ଞା ବ୍ୟକ୍ତି ଓ କର୍ମ ବିଶେଷରେ ପରିବ ିନ ହୋଇଥାଏ । ଜଣେ ବ୍ୟକ୍ତି ଘରେ ରହିଲେ ପିତା ଧର୍ମ ଓ ପତି ଧର୍ମ ପାଳନ କରିଥାଏ । ସେ ଯେତେବେଳେ କର୍ମ କ୍ଷେତ୍ରକୁ ଯାଏ, ସେ ରଜଧର୍ମ ପାଳନ କରେ । ଜଣେ ସୈନିକ ସୀମା'ରେ ରହି ବର୍ହିଶତ୍ରୁଙ୍କ ଉପରେ ନଜର ରଖିଥାଏ । ଯଦି ଜଣେ ଆତଙ୍କବାଦୀ ଆମ ଦେଶ ସୀମା ଭିତରକୁ ପଶିଆସେ ସେହି ସୈନ୍ୟ ଜଣକ ତାଙ୍କୁ ଚେତାବନୀ ଦେଇଥାଏ । ଯଦି ସେ ଆତଙ୍କବାଦୀଜଣକ ତାର ଚେତାବନୀକୁ ବେଖାତିର୍ କରି ଭିତରକୁ ପ୍ରବେଶ କରେ ବାଧ ହୋଇ ସୈନିକ ଜଣକ ତାଙ୍କୁ ଗୁଳି କରିଥାଏ । ଏହାହିଁ ସେହି ସୈନିକର ପ୍ରକୃତ ଧର୍ମ । କାରଣ ସେ ନିଜର ସ୍ୱାର୍ଥ ରକ୍ଷା କରିବାକୁ ଗୁଳି କରିନାହିଁ । ଦେଶ ତଥା ସମୂହ ସ୍ୱାର୍ଥ ପାଇଁ ସେ ଗୁଳି କରିବାକୁ ବାଧ ହୋଇଛି । ସେହି ବ୍ୟକ୍ତି ଜଣକ ଯଦି ନିଜର ଜମିଜମା ଗଣ୍ଡଗୋଳକୁ କେନ୍ଦ୍ରକରି କାହାକୁ ଗୁଳି କରେ ତା'ହେଲେ ଏହା ତା'ର ଧର୍ମ ନୁହେଁ । ସେଥିପାଇଁ ସେ ଆଇନ୍ ଆଖିରେ ଅପରାଧୀ । ଠିକ୍ ସେହିଭଳି ରାଜନୀତି କରିବା ବା ରାଜ୍ୟକୁ ଶାସନ କରିବା ଏକା କର୍ମ । ଯେଉଁମାନେ ଏଥିରେ ଲିପ୍ତ ସେମାନଙ୍କୁ ନେତା କୁହାଯାଏ । ଏହି କର୍ମଟି ନେତାଟିଏ ଯେତେବେଳେ ସମୂହ ସ୍ୱାର୍ଥ ପାଇଁ କରିଥାଏ ସେତେବେଳେ ଜନତା ତାଙ୍କୁ ବାହା ବାହା ଦେଉଥାନ୍ତି ଓ ତା'ର ଗୁଣ ଗାନ କରନ୍ତି । ଯଦି ସେଇ ନେତା ଜଣକ ନିଜ ସ୍ୱାର୍ଥ ପାଇଁ କିମ୍ବା କୌଣସି ଏକା ନିର୍ଦ୍ଧିଷ୍ଟ ଗୋଷ୍ଠି ବା ସମ୍ପ୍ରଦାୟ ପାଇଁ କାର୍ଯ୍ୟ କରି ଅନ୍ୟ ସମ୍ପ୍ରଦାୟକୁ ଅଣଦେଖା କରେ ସେତେବେଳେ ଲୋକ କୁହନ୍ତି ଧର୍ମକୁ ନେଇ ରାଜନୀତି ହେଉଛି, ଜାତିକୁ ନେଇ ରାଜନୀତି ହେଉଛି । ଲୋକମାନେ ସେତେବେଳେ କୌଣସି ସମ୍ପ୍ରଦାୟ ବା ମଜହବ୍‌କୁ ଧର୍ମର ଆଖ୍ୟା ଦେଇଥାନ୍ତି । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭଷାରେ, 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିହି ତରିବା ନିମନ୍ତେ ସଂସାର ବାରିଧି ।' ଦେଶ ଚାଲିବା ପାଇଁ ଯେଉଭଳି ସମ୍ବିଧାନ ଓ ଆଇନ୍ କାନୁନ ରହିଛି ଠିକ ମଣିଷ ଏହି ସଂସାରରେ କ'ଣ କରିବା ଉଚିତ ଓ କ'ଣ ଅନୁଚିତ ଓ କେଉଁ କର୍ମ କଲେ ମାନବ ଜୀବନର ସାର୍ଥକତା ହେବ ତାହା ଧର୍ମ ଆମକୁ ଶିକ୍ଷା ଦେଇଥାଏ । ଅବ୍ରାହ୍ମଣ ଚଣ୍ଡାଳ ପ୍ରତ୍ୟେକ ମଣିଷ, ଜୀବ ଭିତରେ ଭଗବାନଙ୍କ ସ । ବିଦ୍ୟମାନ ଓ କେହି ଛୋଟ ନୁହଁନ୍ତି । ସେଇ କଥା ଧର୍ମ ଶିକ୍ଷା ଦେଇଥାନ୍ତି ବିଶ୍ୱର କଲ୍ୟାଣ ପାଇଁ । ଭଗବାନଙ୍କ ସୃଷ୍ଟିର ପ୍ରତ୍ୟେକ ଜୀବର ମଙ୍ଗଳ ନିମି ଧର୍ମ ଉଦ୍ଦିଷ୍ଟ । ସବୁ ଧର୍ମର ଗୋଟିଏ ନିୟମ ଅଛି । କିନ୍ତୁ ବିଡମ୍ବନାର ବିଷୟ କିଛି ଧର୍ମଯାଜକ ନିଜକୁ ସମାଜରେ ପ୍ରତିଷ୍ଠା କରିବାକୁ ଯାଇ ଯେଉଁ ନୀତିନିୟମ ପ୍ରଣୟନ କରିଛନ୍ତି ତାହା ଧର୍ମ ନୁହେଁ । ନିଜର ବିଚାରଧାରା ମନୁ ସଂହିତାରେ ଧର୍ମର ଦଶଟି ଲକ୍ଷଣ କଥା କୁହାଯାଇଛି । ରାଜନୀତି କରୁଥିବା ବ୍ୟକ୍ତି ରାଜଧର୍ମ ପାଳନ କରିବା ଉଚିତ । ଜଣେ ବିଧାୟକ ହୁଅନ୍ତୁ ବା ମନ୍ତ୍ରୀ ସେ ଯେତେବେଳେ ଶପଥ ନେଉଛନ୍ତି ସେତେବେଳେ କହୁଛନ୍ତି ମୁଁ ସମ୍ବିଧାନ ଅନୁଯାୟୀ ନିରପେକ୍ଷ ଭାବେ କାର୍ଯ୍ୟ କରିବି । ଏହାହିଁ ତାଙ୍କର ଧର୍ମ । ସେହି ବିଧାୟକ ଯେତେବେଳେ ସମ୍ବିଧାନଠାରୁ ଦୁରେଇ ଯାଇ ପକ୍ଷପାତିତା ଅବଲମ୍ବନ କରି ନିଜ ଶାସନ ଗାଦିକୁ ସୁରକ୍ଷା ଦେବାକୁ ଯାଇ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି ବା ମଜହବ ଓ ସମ୍ପ୍ରଦାୟ ପ୍ରତି ଅହେତୁକ ଅନୁକମ୍ପା ଦେଖାଇଥାନ୍ତି ସେତେବେଳେ କେଉଁଠି ନାଁ କେଉଁଠି ରାଜଧର୍ମର ଖିଲାପ ହୋଇଥାଏ । ଜଣେ ଶାସନ ଗାଦିରେ ବସିଥିବା ରାଜନେତା ଯେତେବେଳେ ନିଜର ସ୍ୱାର୍ଥ ପାଇଁ ହେଉ କିମ୍ବା କୌଣସି ଏକା ନିର୍ଦ୍ଧିଷ୍ଟ ଜାତି, ଗୋଷ୍ଠି କିମ୍ବା ସମ୍ପ୍ରଦାୟ ପାଇଁ ସମସ୍ତ ନୀତିନୈତିକତାକୁ ଜଳାଳି ଦେଇ ତାଙ୍କ ସପକ୍ଷରେ କାର୍ଯ୍ୟ କରିଥାଏ ସେତେବେଳେ ସେ ନିଜର ଧର୍ମ ରକ୍ଷା କରିନଥାଏ । ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଦିନେ କହିଥିଲେ ଭାରତ ବର୍ଷର ଯେତେ ସଂସାଧନ ଅଛି ତା'ର ପହିଲା ଅଧିକାର କେବଳ ସଂଖ୍ୟାଲଘୁ ମାନଙ୍କର । ଏହା ଆମ ସମ୍ବିଧାନର ଖିଲାପ ବା ରାଜଧର୍ମର ଖିଲାପ । ଗୋଟିଏ ଭୋଟ ପାଇଁ ଅଟଳଜୀଙ୍କ ସରକାରର ପତନ ଘଟିଥିଲା । ସେ ଚାହିଁଥିଲେ ଅସାଧୁ ଉପାୟ ଅବଲମ୍ବନ କରି ତାଙ୍କ ସରକାରକୁ ରକ୍ଷା କରି ପାରିଥାନ୍ତେ । କିନ୍ତୁ ସେ ଏହା କରିନଥିଲେ । ରାଜଧର୍ମ ପାଳନ କରିବାରେ ତାଙ୍କ ନାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଅଧୁନା ସମସ୍ତ ରାଜନୈତିକ ଦଳ ଓ ସେମାନଙ୍କ ନେତାମାନେ କୋଟି କୋଟି ଟଙ୍କା ଦେଇ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି ଓ ଜୟଯୁକ୍ତ ହେବ ପାରେ ସେ ପଇସାକୁ କ୍ୱରମକୁଝଁରବ୍ଝ କରିବା ପାଇଁ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି । ଆଜିର ଦିନରେ କୌଣସି ଜଣେ ନେତା ନିଜର ଧର୍ମକୁ ପାଳନ କରୁନାହାନ୍ତି ବା ସେମାନଙ୍କ ପାଖରେ କୌଣସି ନିତି ନୈତିକତା ନାହିଁ । ଲାଲବାହାଦୁର ଶାସ୍ତ୍ରୀ ରେଳ ବିଭାଗର ମନ୍ତ୍ରୀ ଥିବାବେଳେ ରେଳ ଦୁର୍ଘଟଣା ହୋଇ କିଛି ଲୋକ ମୃତାହତ ହୋଇଥିଲେ । ସେ ନିଜକୁ ଦାୟୀ କରି ନିଜ ପଦବୀରୁ ଇସ୍ତାପ ଦେଇଥିଲେ । ଆଜି ଅନେକ ରେଳ ଦୁର୍ଘଟଣା ହେଉଛି । ଶହ ଶହ ସଂଖ୍ୟାରେ ଲୋକମାନେ ମୃତାହତ ହେଉଛନ୍ତି । କାହିଁ ରେଳ ବିଭାଗର ମନ୍ତ୍ରୀ ତାଙ୍କ ନିଜ ପଦବୀରୁ ଇସ୍ତାଫା ଦେଉନାହାନ୍ତି ! ଲାଲବାହାଦୁର ଶାସ୍ତ୍ରୀ ରାଜଧର୍ମ ପାଳନ କରିଥିବାରୁ ଇତିହାସ ତାଙ୍କୁ ମନେ ରଖିବ । ବିହାର ଓ ଉ ରପ୍ରଦେଶ ଭଳି ରାଜ୍ୟରେ ରାଜନେତାମାନେ ନିର୍ଦ୍ଧିଷ୍ଟ ଗୋଷ୍ଠି ବା ଜାତିର ଲୋକ ମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେଇ ନିଜର ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବାର ପ୍ରୟାସ କରୁଛନ୍ତି । କ୍ଷମତା ଅକ୍ତିଆର କରିବା ପାଇଁ ସାମ, ଦଣ୍ଡ, ଭେଦ ନିତି ଆପଣାଉଛନ୍ତି । କହିବାକୁ ଗଲେ ଆଜିର ରାଜନେତା ମାନେ କେହି ନିଜର ଧର୍ମ ପାଳନ କରୁନାହାନ୍ତି । ବାସ୍ତବରେ ହିନ୍ଦୁ ହେଉଛି ଏକ ସମ୍ପ୍ରଦାୟ ବା ଗୋଷ୍ଠି ଯେଉଁମାନେ ଆମର ବେଦ ଉପନିଷଦ ପ୍ରଣୀତ ନୀତି ନିୟମକୁ ପାଳନ କରିଥାନ୍ତି ବା ଏହି ସନାତନୀ ସଂସ୍କୃତିକୁ ଆପଣେଇଥାନ୍ତି । କହିବାକୁ ଗଲେ ରାଜନୀତିରେ ଧର୍ମ ପ୍ରଭାବ ବିସ୍ତାର କରିନାହିଁ । ରାଜନୀତିରେ ଜାତିବାଦ, ସାମ୍ପ୍ରଦୟାବାଦ, ଗୋଷ୍ଟିବାଦ ପ୍ରଭାବ ବିସ୍ତାର କରିଛି । ସଂଖ୍ୟାଲଘୁମାନଙ୍କୁ ନେଇ କଂଗ୍ରେସ, ହାଇଦ୍ରାବାଦର ସାଂସଦ ଓବେସୀ, ମମତା ବାନାର୍ଜୀ, ଅଖିଳେଶ ଯାଦବ, କେଜ୍ରିଓ୍ୱାଲ ଭଳି ଅନେକ ରାଜନେତା ରାଜନୀତି କରୁଛନ୍ତି, ଯାହାକି ରାଜଧର୍ମର ଖିଲାପ । ଉ ରପ୍ରଦେଶରେ ଚନ୍ଦ୍ରଶେଖର ରାବଣ ଭଳି ନେତା ଦଳିତ ଓ ମୁସଲିମ ମାନଙ୍କୁ ନେଇ ରାଜନୀତି କରୁଛନ୍ତି । ସମସ୍ତ ରାଜନେତାମାନେ ମଣିଷ ମଣିଷ ଭିତରେ ବିଭାଜନ ସୃଷ୍ଟି କରି ନିଜର ରାଜନୈତିକ ଆକାଂକ୍ଷାକୁ ପୂରଣ କରିବା ମୋ ମତରେ ଧର୍ମ ଶବ୍ଦଟିର ଅପବ୍ୟବହାର କରାଯାଉଛି । ଧର୍ମ କେବେ ଏଭଳି ଶିକ୍ଷା ଆମକୁ ଦେଇନଥାଏ । ଜାତି ଧର୍ମ ବର୍ଣ ନିର୍ବିଶେଷରେ ଆମେ ଜଣେ ଜଣେ ଭାରତୀୟ । ଆମର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ସୁଯୋଗ ଦେଇଛି । କିନ୍ତୁ କିଛି ରାଜନେତା ନିଜର ଭୋଟ ବ୍ୟାଙ୍କ ସୁରକ୍ଷିତ ପାଇଁ ଦେଶରେ ଦୁଇ ପ୍ରକାର ଆଇନ୍ ତିଆରି କରିଛନ୍ତି । ସଂଖ୍ୟାଲଘୁ ମାନଙ୍କ ପାଇଁ ଗୋଟିଏ ଅଇନି ଓ ସଂଖ୍ୟାଧିକଙ୍କ ପାଇଁ ଆଉ ଗୋଟିଏ ଆଇନ୍ । ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଶୁଭଙ୍କର ନୁହେଁ । କେବଳ ନିଜର ଫାଇଦା ପାଇଁ ବିଭାଜନ ସୃଷ୍ଟି କରାଯାଇଛି । ସଂଖ୍ୟାଲଘୁ ମାନଙ୍କ ଧାର୍ମିକସ୍ଥଳୀ ସରକାରଙ୍କ ନିୟନ୍ତ୍ରଣରେ ନଥିବା ବେଳେ ସଂଖ୍ୟାଧିକମାନଙ୍କ ମନ୍ଦିର ସରକାରଙ୍କ ନିୟନ୍ତ୍ରଣାଧୀନ । ଏହା କ'ଣ ଧର୍ମ ନିରପେକ୍ଷତା ? ସମ୍ବିଧାନ ପ୍ରଣୟନ ସମୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶ୍ରେଣୀ ନିରାକ୍ଷର ଓ ପଛୁଆ ଥିଲେ ସେଥିପାଇଁ ସେମାନଙ୍କ ପାଇ ସମ୍ବିଧାନରେ ଦଶ ବର୍ଷ ପାଇଁ ସଂରକ୍ଷଣ ଥିଲା । ସ୍ୱାଧୀନତାର ୭୬ ବର୍ଷ ପରେବି ସେହି ବ୍ୟବସ୍ଥା ଚାଲୁ ରହିଛି । ତାହା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଏହା ସମ୍ବିଧାନର ପରିପନ୍ଥୀ । ସବୁ ରାଜନୈତିକ ଦଳ ଏହି କଥାକୁ ଅନୁଭବ କଲେବି ନିଜ ଗାଦି ରକ୍ଷା ପାଇଁ କେହି ପାଟି ଖୋଲୁ ନାହାନ୍ତି ଗୋଟିଏ ଦେଶରେ ଏକ ପ୍ରକାର ଅଇନି ପ୍ରଚଳିତ ହେବା ସହିତ ସମସ୍ତ ନାଗରିକ ମାନଙ୍କ ସମାନ ଅଧିକାର ଓ ସୁଯୋଗ ରହିଲେ ଭାରତ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଗଣିତ ହୋଇପାରିବ ।

*ଅବସରପ୍ରାପ୍ତ ପୋଲିସ ଅଫିସର*
*ମୋ-୮୨୪୯୨୮୧୫୬୭*

# ବନ୍ଧୁତ୍ୱର ସ୍ୱର ଝଙ୍କୃତ ହେଉ ହୃଦୟରେ


ଭାସ୍କର ବାରିକ

ଆମେ ସମସ୍ତେ ପ୍ରଭୁ ଶ୍ରୀକୃଷ୍ଣ ଓ ତାଙ୍କର ବାଲ୍ୟଜୀବନର ବନ୍ଧୁ ସୁଦାମାଙ୍କ ପବିତ୍ର ବନ୍ଧୁତ୍ୱର କାହାଣୀ ବିଷୟରେ ଅବଗତ । ଗୁର ସନ୍ଦିପନୀଙ୍କ ଆଶ୍ରମରେ ଉଭୟ ପଢୁଥିଲେ ସାଥିହୋଇ । ସମୟକ୍ରମେ ଶ୍ରୀକୃଷ୍ଣ ହୋଇଛନ୍ତି ରାଜା ଆଉ ସୁଦାମା ଦାରିଦ୍ର୍ୟର ତାଡ଼ନାରେ ସନ୍ତୁଳି ହେଇଛନ୍ତି । ସୁଦାମାଙ୍କ ଧର୍ମପରାୟଣା ପତ୍ନୀ ଶୁଶିଳା ସ୍ୱାମୀ ସୁଦାମାଙ୍କୁ ଶ୍ରୀକୃଷ୍ଣଙ୍କର ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ପ୍ରଥମେ ଅରାଜି ହେଇଛନ୍ତି ସୁଦାମା କିନ୍ତୁ ପରେ ସ୍ତ୍ରୀଙ୍କ କଥା ମାନି ଯାଇଛନ୍ତି ଶ୍ରୀକୃଷ୍ଣଙ୍କୁ ଦେଖା କରିବାକୁ କିଛି ସାହାଯ୍ୟର ଆଶା ନେଇ । ସାଥିରେ ବନ୍ଧୁଙ୍କ ପାଇଁ ନେଇଛନ୍ତି କିଛି ଖୁଦଭଜା । ରାଜପ୍ରାସାଦ ନିକଟରେ ଦ୍ୱାରପାଳଙ୍କୁ ଦେଇଛନ୍ତି ନିଜର ପରିଚୟ । କିନ୍ତୁ ବେତନ ଭୋଗୀ ଦ୍ୱାରପାଳ ସୁଦାମାଙ୍କ ବେଶଭୂଷା ଦେଖି ବିଶ୍ୱାସ କରି ନାହାଁନ୍ତି ଯେ ପ୍ରକୃତରେ ସୁଦାମା ଶ୍ରୀକୃଷ୍ଣଙ୍କ ବନ୍ଧୁ ବୋଲି । ଯାଇ ପାରି ନାହାଁନ୍ତି ସୁଦାମା ରାଜପ୍ରାସାଦ ଭିତରକୁ । ଏକଥା ପ୍ରଭୁ ଶ୍ରୀକୃଷ୍ଣ ଜାଣିବା ପରେ ନିଜେ ଦୋ?ଡି ଆସିଛନ୍ତି ବାଲ୍ୟ ବନ୍ଧୁ ସୁଦାମାଙ୍କୁ ପାଛୋଟି ନେବା ପାଇଁ । କୋଳାଗ୍ରତ କରି ବନ୍ଧୁଙ୍କୁ ନେଇଛନ୍ତି ରାଜପ୍ରାସାଦ ଭିତରକୁ । ସୁଦାମା ଆଣିଥିବା ଖୁଦଭଜା ଖାଇଛନ୍ତି ଖୁସିରେ । ଏହି ସାକ୍ଷାତ ପରେ ସରଳ ଛଳଛଳ ମଣିଷ ସୁଦାମାଙ୍କ ଭାଗ୍ୟରେ ଘଟିଛି ପରିବର୍ତ୍ତନ । ଦୂରେଇ ଯାଇଛି ଦାରିଦ୍ର୍ୟ । କୃଷ୍ଣ ଓ ସୁଦାମାଙ୍କ ଅନାବିଳ ପବିତ୍ର ବନ୍ଧୁତ୍ୱ ଯୁଗ ଯୁଗ ପାଇଁ ଅମର ହୋଇ ରହିଛି । ପ୍ରକୃତ ବନ୍ଧୁତ୍ୱ ଉପରେ ଆମେ ସଂସ୍କୃତର ସେହି ମହାନ ଶ୍ଳୋକ ପଢ଼ିଛନ୍ତି ।

'ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷ ରାଷ୍ଟ୍ର ବିପ୍ଳବେ,
ରାଜଦ୍ୱାରେ ଶ୍ମଶାନେଚ୍ ଯ ତିଷ୍ଠତି ସ ବାନ୍ଧବ '

ଉତ୍ସବରେ, ବିଳାସପୂର୍ଣ୍ଣ ଜୀବନ କାଟୁଥିବା ସମୟରେ, ଦୂର୍ଭିକ୍ଷ ସମୟରେ, ରାଷ୍ଟ୍ର ବିପ୍ଳବ ସମୟରେ, ବିପଦ ସମୟରେ, ଏପରିକି ଶ୍ମଶାନରେ ଯିଏ ଆମ ପାଖ ଛାଡ଼ି ନଥାଏ, ସେ ହିଁ ପ୍ରକୃତ ବନ୍ଧୁ । କିନ୍ତୁ ଆଜିକାଲିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ବନ୍ଧୁତ୍ୱର ପରିଭାଷା ବଦଳି ଯାଇଛି । ଫେସବୁକ୍ ରେ ହଜାର ହଜାର ବନ୍ଧୁ କିନ୍ତୁ ବିପଦ ବେଳେ କାହାର ଦେଖା ନାହିଁ । ପକେଟ୍ ରେ ଯେତେଦିନ ପର୍ଯ୍ୟନ୍ତ ଅର୍ଥ ଅଛି, ହଜାରେ ବନ୍ଧୁ ମିଳିବେ । କିନ୍ତୁ ପକେଟ୍ ରେ ଅର୍ଥ ନଥିଲେ କାଶିଆ କିଏ ନା କପିଳା କିଏ ଚିନ୍ତାଧାରା । ବାସ୍ତବରେ, ବନ୍ଧୁତ୍ୱର ପରିଭାଷା ବଦଳିଛି । ପୁଅ ଚାକିରି କଲେ, ପିଉସୀ ଝିଅକୁ ବାପାଙ୍କ ନିଜ ଭଉଣୀର ଝିଅ ବୋଲି ଭାବୁନାହିଁ ।ବାପାଙ୍କ ମାମୁଁ ପୁଅକୁ କକେଇ ବୋଲି ଜାଣୁନାହିଁ । ବନ୍ଧୁତ୍ୱ ଦୂରେଇ ଦୂରେଇ ଯାଇ ଶାଶୁ, ଶଶୁର, ଶଳା, ଶାଳୀ, ଏମାନଙ୍କ ପାଖରେ ଅଟକି ଯାଇଛି । ବନ୍ଧୁ କହିଲେ, ସ୍କୁଲ କଲେଜରେ ପ?ିବା ବେଳେ ନିଜେ ସୃଷ୍ଟି କରିଥିବା ସମବୟସ୍କ ସାଙ୍ଗ, ଯାହାଙ୍କ ସହିତ ପାଠ ଛଡ଼ା ଗୁଲି ଖଟି ହେଉଥିଲା, ସେଇମାନଙ୍କୁ ବୁଝାଉଛି କିନ୍ତୁ ଏହି ବନ୍ଧୁତା ଉପରେ ବି ଅନେକ ପ୍ରଶ୍ନବାଚୀ ଆଜିକାଲି । ବନ୍ଧୁତା ଆଉ ସେତେଟା ମଜଭୁତ ଥିଲା ଭଳି ଲାଗୁନି । ଗୋଟିଏ ଝିଅକୁ ଭଲପାଇବା ନେଇ ଜଣେ ବନ୍ଧୁ ଆଉଜଣେ ବନ୍ଧୁର ଜୀବନ ନେଇଯିବାର ଘଟଣା ବି ଘଟୁଛି । ମଦିରା ପାନକରି ,ଡ୍ରଗ୍ସ ସେବନ କରି ସାଙ୍ଗ ସାଙ୍ଗ ଭିତରେ ବାଡିଆପିଟା ହେବାର ଦୂର୍ଭାଗ୍ୟଜନକ ଘଟଣା ବି ଘଟୁଛି । ସ୍ୱାର୍ଥ ଆଗରେ ବନ୍ଧୁତା ବଳି ପଡୁଛି । ମାମୁଁଘର, ପିଇସୀ ଘର, ମାଉସୀ ଘର,ବାପାଙ୍କ ମାମୁଁଘର, ବୋଉ ର ମାଉସୀ ଘର, ଏଠାରେ କେହି ବନ୍ଧୁ ନାହାନ୍ତି । ଏମାନେ ବନ୍ଧୁ ନୁହନ୍ତି । ଆଶ୍ଚର୍ଯ୍ୟ ଲାଗୁଛି । ମଲାବେଳେ ଆମ ପୁଅ ଆମ ପାଖରେ ଥିବ ତ ? କାରଣ ଆମେ ବନ୍ଧୁ ନୁହେଁ । ଏଇଠି ପ୍ରଖ୍ୟାତ ଇଂରେଜ କବି ସାମୁଏଲ ଟୟେଲର କଲରିଜଙ୍କର ' ଦ ରାଇମ୍ ଅଫ୍ ଦ ଆନସିଏଣ୍ଟ ମେରିନର' କବିତାଟି ମୋର ମନେ ପଡୁଛି । ଏହି କବିତାଟିର ଗୋଟିଏ ଜାଗାରେ କବି ଲେଖିଛନ୍ତି, ' ୱାଟର ,ୱାଟର ଏଭ୍ରିହୋୟାର, ନର ଏ ଡ୍ରପ ଟୁ ଡ୍ରିଙ୍କ ।' ସବୁଆଡେ ପାଣି ଓ ପାଣି କିନ୍ତୁ ପିଇବା ପାଇଁ ଟୋପାଏ ପାଣି ନାହିଁ । ଏଇଟା କେମିତିକା କଥା । ଆଶ୍ଚର୍ଯ୍ୟ ଲାଗୁଛି ସତରେ । କଥାରେ ଅଛି କବି ତୁଣ୍ଡ ମେଣ୍ଢା ମୁଣ୍ଡ । ମେଣ୍ଢାର ଶକ୍ତ ମୁଣ୍ଡ ପରି କବିର କଲମରୁ ଝରୁଥିବା ଲେଖା ଖୁବ୍ ଶକ୍ତିଶାଳୀ । ବଡ଼ ବଡ଼ କବି, ଲେଖକ, ନାଟ୍ୟକାର, ପ୍ରାବନ୍ଧିକ, ଔପନ୍ୟାସିକ, ସାହିତ୍ୟିକ ମାନଙ୍କର କାଳଜୟୀ ସୃଷ୍ଟି ଶାଣିତ ଖଣ୍ଡାର ଧାର ଠାରୁ ଆହୁରି ଧାରୁଆ । ସମୁଦ୍ରରେ ଜଣେ ନାବିକର ହାତ ପାଖରେ ଅଥଳ ସମୁଦ୍ରର ବିସ୍ତୃତ ନୀଳ ଜଳରାଶି କିନ୍ତୁ ତଣ୍ଟି ଶୁଖି ଯାଉଛି କାରଣ ସମୁଦ୍ରର ଲୁଣିଆ ପାଣି କେବେ ଶୋଷ ମେଣ୍ଟେଇବାକୁ ସମର୍ଥ ନୁହେଁ । ପ୍ରାଚୁର୍ଯ୍ୟତା ଭିତରେ ଅଭାବର ତୀବ୍ର ଯନ୍ତ୍ରଣା । ୧୭୯୮ ମସିହାରେ ପ୍ରକାଶିତ ଏହି କବିତା ଦୁଇଶହ ବର୍ଷ ପରେ ବି ଆଜିକାଲିର ଦୁନିଆରେ ଆମ ମଣିଷ ମାନଙ୍କର ଜୀବନ ସହିତ କବିଙ୍କର ଏହି ଚାରିଆଡେ ପାଣି କିନ୍ତୁ ପିଇବା ପାଇଁ ଟୋପାଏ ପାଣି ନାହିଁ ଅନବଦ୍ୟ ଦର୍ଶନ ତତ୍ତ୍ୱ ଚମତ୍କାର ସାମଞ୍ଜସ୍ୟ ରଖୁଥିବାର ଅସଂଖ୍ୟ ପ୍ରମାଣ । ବିଦ୍ୟାଳୟରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ କେତେ କେତେ ବନ୍ଧୁ ଆମ ଜୀବନର ଚଲାପଥରେ ଆସନ୍ତି । କିନ୍ତୁ ଆମେ କେତେଜଣଙ୍କ ସହିତ ସମ୍ପର୍କରେ ରହୁ ଜୀବନର ଶେଷ ପର୍ଯ୍ୟାୟ ଯାଏଁ ? ଆମର ବସ୍ତୁବାଦୀ ଖୁସି ପାଇଁ ସବୁକିଛି ଭୁଲି ଆଗକୁ ଯିବା ନିଶାରେ ନିଶାଶକ୍ତ ହୋଇ ଜୀବନର ଅଧିକାଂଶ ଦିଗକୁ ଆମେ ବଳି ପକେଇ ଦେଉଛୁ । ରାସ୍ତା ଘାଟରେ ଯଦି କେହି ଜଣେ ଗରୀବ ବନ୍ଧୁ ସାମନାସାମନି ହେଉଛି, ଆମେ ବାଟ ଭାଙ୍ଗି ଚାଲି ଯାଉଛୁ କାଳେ ସେହି ଅଭାବୀ ବନ୍ଧୁ ଆମକୁ କିଛି ଟଙ୍କା ମାଗିବ । ଯଦି ସେତିକି ନହେଲା ଛଳନାର ହସ ହସି ବ୍ୟସ୍ତତାର ବାହାନା କରି ନିଜ ବାଟରେ ଛୁ ମାରୁଛୁ । ଆମ ନିଜର ପରିବାର ଭିତରେ ବି ବନ୍ଧୁତା ବନ୍ଧନର ଘୋର ଅଭାବ ପରିଲକ୍ଷିତ ହେଉଛି ଆଜିକାଲି ।

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ' ।

ଏମିତି ପରିବାରର ନମୁନା ଦୃତ ଅବକ୍ଷୟ ମୁଖୀ । ଅଧିକାଂଶ ପରିବାର ଭିତରେ ବନ୍ଧୁତା ବନ୍ଧନର ଗଣ୍ଠି ହୁଗୁଳି ଚାଲିଛି । ସ୍ୱାମୀ ସ୍ତ୍ରୀ ଭିତରେ ବେଳେ ବେଳେ କଳି ଝଗଡା ଥାନା କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଉଛି । ଭାଇ ଭାଇ ଭିତରେ ରକ୍ତ ସମ୍ପର୍କର ମୂଲ୍ୟବୋଧ ହଜି ହଜି ଯାଉଛି । ବୃଦ୍ଧ ବୟସରେ ବାପା ମାଆ ଭିଟାମାଟିର ମାୟାରେ ଗାଆଁରେ ଆଉ ପୁଅ ବୋହୂ ନାତି ନାତୁଣୀ ଭିଟାମାଟିର ବାସ୍ନାରୁ ଅନେକ ଦୂରରେ । ସମ୍ପର୍କ ଅଛି କିନ୍ତୁ ଏ ସମ୍ପର୍କ ନଥିଲା ପରି ।

ସତକଥା ,ବନ୍ଧୁତା ହୁଏତ କେତେକାଂଶରେ ସମୟର ପ୍ରଭାବରେ ପ୍ରଭାବିତ ହୋଇଛି କିନ୍ତୁ ବଞ୍ଚିଛି । ସ୍ୱାର୍ଥର ନିକିତିରେ ବନ୍ଧୁତାକୁ ତଉଲିବାକୁ ଚେଷ୍ଟା କରିବା ଅର୍ଥ ନିଜର ଅମଣିଷ ପଣିଆର ପରିଚୟ ଦେବା । ବନ୍ଧୁତ୍ୱ ସବୁକିଛିର ଉର୍ଦ୍ଧ୍ୱରେ । ବନ୍ଧୁତ୍ୱ ଆଗରେ ଉଚ୍ଚ ନୀଚ, ଜାତି ଅଜାତି , ଧନୀ ଗରିବ ,ବୟସ, ଦୂରତାର ମାନେ କିଛି ନାହିଁ । ବନ୍ଧୁତା ବିନା ଜୀବନ ନିରସ ଓ ଫିକା । ଏକଲା ପଣ ଓ ନିସଂଗତାକୁ ହତ୍ୟା କରିବାର ଏକମାତ୍ର ଉପାୟ ଦୃଢ଼ ବନ୍ଧୁତାର ବନ୍ଧନ । ଇଂରାଜୀରେ ଗୋଟେ କଥା ଅଛି,' ଏ ଫ୍ରେଣ୍ଡ୍ ଇନ୍ ନିଡ୍ ଇଜ୍ ଫ୍ରେଣ୍ଡ୍ ଇନ୍ ଡିଡ୍' । ଆବଶ୍ୟକତା ସମୟରେ ଯେ ଆମ ପାଖରେ ଠିଆହୁଏ,ସେ ହେଉଛି ପ୍ରକୃତ ବନ୍ଧୁ । ତେଣୁ ମାନବୀୟ ଚେତନାର ଝଙ୍କାର ଓ ବନ୍ଧୁତ୍ୱର ଦୃଢ଼ ବନ୍ଧନର ମଧୁର ଗୀତ ପ୍ରତି ମଣିଷର ହୃଦୟରେ ନିନାଦିତ ହେଉ, ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ରାବଣ ଓ ଅସ୍ମିତା


ଅନୀତା ପଟ୍ଟନାୟକ

ଟ୍ରେନରେ, ବସରେ, ଉଡାଜାହାଜରେ, କାରରେ ଓ ପାଣି ଜାହାଜରେ ବୁଲି ଯାଉଥିବା ସମୟରେ ସହଯାତ୍ରୀ ମାନଙ୍କ ସହିତ କଥୋପକଥନ ହୋଇଥାଏ । ସେ କଥୋପକଥନ ଗୁଡ଼ିକର ଅନ୍ତ ଯାତ୍ରା ସହିତ ଶେଷ ହୋଇଯାଇଥାଏ । ଏହାର ଏକ ଉଦାହରଣ ହେଉଛି ମୁଁ ଥରେ ବାଙ୍ଗାଲୋର ଟ୍ରେନରେ ଯାଉଥିବା ସମୟରେ ଜଣେ ବ୍ୟକ୍ତି ମତେ ପଚାରିଲେ 'ଅସ୍ମିତା' ଶବ୍ଦର ଅର୍ଥ କ'ଣ ?

ମୁଁ ତାଙ୍କୁ କହିଲି, 'ଗୋଟିଏ ସମାଜ ବା ଗୋଟିଏ ବ୍ୟକ୍ତି ଯାହାର ଭାଷା, ସଂସ୍କୃତି, ଇତିହାସ, ନିଜର ରାଜ୍ୟ ଓ ରାଜ୍ୟର ସମ୍ପତ୍ତି ପ୍ରତି ଗଭୀର ଭଲ ପାଇବା ଥାଏ ତାହାକୁ ଅସ୍ମିତା କୁହାଯାଏ' । ଅସ୍ମିତାର ଅନ୍ୟ କେତେକ ଅନୁରୂପ ଶବ୍ଦ ରହିଛି ଯଥା ମନମୁଗ୍ଧକର, ଆତ୍ମପ୍ରେମ, ସ୍ୱୟଂ ଯାଦୁକରଣ, ମନ୍ତ୍ରମୁଗ୍ଧ, ମୋହିନୀଶକ୍ତି, ନିଜସ୍ୱ ପ୍ରାଧାନ୍ୟ ଇତ୍ୟାଦି ଇତ୍ୟାଦି ।

ଉକ୍ତ ବ୍ୟକ୍ତି ଜଣ କ'ଣ ବୁଝିଲେ କେଜାଣି ସେ ଦିନ ମତେ କହିଥିଲେ ରାବଣର ଏହି ଅସ୍ମିତା ଭାବ ରହିଥିଲା କାରଣ ସେ ଅସୁରକୂଳ ଓ ନିଜକୁ ଭଲ ପାଉଥିଲା । ସେ ବିଦ୍ୱାନ ଥିଲା ଅସୁର ମାନଙ୍କର ସଂସ୍କୃତି ଓ ଐତିହ୍ୟକୁ ଭଲପାଇବା ସହିତ ନିଜର ରାଜ୍ୟ ତାର ବୈଭବ୍ୟ ଓ ଅସୁରକୂଳ ଜାତ ଲୋକଙ୍କୁ ଭଲ ପାଉଥିଲା । ମୁଁ କହିଲି ଆପଣ ଯାହା କହୁଛନ୍ତି ତାହା ଠିକ ନୁହେଁ ତାହା ଜାଣେନି କିନ୍ତୁ ରାବଣ ଶାସ୍ତ୍ରଜ୍ଞ ଓ ବେଦଜ୍ଞ ହୋଇଥିଲେ ମଧ୍ୟ ବେଦମାତା ତାଙ୍କର ପ୍ରତ୍ୟେକ ସନ୍ତାନକୁ ଅସୀମତାର ଐତିହ୍ୟ ଓ ତାଙ୍କ ଭାଷାରେ ପୃଥିବୀକୁ ଗ୍ରହଣ କରିବା ପାଇଁ ଆହ୍ୱାନ କରନ୍ତି । ସେ କହନ୍ତି ହେ ପୁତ୍ର ! ତୁ ଏହି ରୂପରେ, ଅସ୍ଥାୟୀ ଭାବରେ ଆବଦ୍ଧ ସେହି ଅସୀମ ଅଟୁ' ତତ୍ ତ୍ୱମ ଅସି । ଓ କୁସ କମ ସନ୍ତାନ ତାର ପ୍ରତ୍ୟୁତ୍ତର ଦେଇଥାନ୍ତି । ଏପରିକି ଯେତେବେଳେ ନାରାୟଣ ରାମଙ୍କ ରୂପରେ ଆସି 'ସନ୍ତାନମାନେ, ତୁମେ ବ୍ରହ୍ମ, ଅସୀମ, ନିର୍ବିକଳ୍ପ, ନିତ୍ୟ ବୋଲି ଘୋଷଣା କଲେ ସେତେବେଳେ ଖୁବ କମ ତାଙ୍କ ଆହ୍ୱାନର ପ୍ରତ୍ୟୁତ୍ତର ଦେଇଥିଲେ । ଔଧତ୍ୟ ଓ ଅଜ୍ଞାନତା ଯୋଗୁ ରାବଣ ବୈଦିକ ଉଦଘୋଷଣାର ପ୍ରାମାଣିକତାକୁ ବୁଝିପାରିନଥିଲା । ଜଣେ କବି କହିଥିଲେ ଯେ କୁକୁରକୁ ଖାଏ ସେ ଗୁରୁ । ଯେ ଘୁଷୁରୀକୁ ଖାଏ ସେ ଯୋଗୀ ଓ ଯେ ହାତୀକୁ ଖାଏ ସେ ଜ୍ଞାନୀ । ସେ କୁକୁରକୁ କ୍ରୋଧ ସହିତ, ଘୁଷୁରୀକୁ ଅହଂକାର ଓ ହାତୀକୁ ଅନିୟନ୍ତ୍ରିତ ବାସନା ବା ଗର୍ବ ସହିତ ତୁଳନା କରିଥିଲେ । ଯଦି ରାବଣ ଏହି ତିନିଟିକୁ ଭକ୍ଷଣ କରିପାରିଥାନ୍ତା ତେବେ ସେ ଅସୀମ (ରାମ)କୁ ଦେଖିବା ପାଇଁ ତାର ଦୃଷ୍ଟି ନିର୍ମଳ ହୋଇଥାନ୍ତା ।

ବେଦ ଶବ୍ଦର ଅର୍ଥ ଯାହା ଶିକ୍ଷାଦିଏ । ସତ୍ୟସ୍ୟ ସତ୍ୟମ ଜଗତ ସତ୍ୟର ଏକ କାର୍ଯ୍ୟାଳାପ ଏବଂ ସତ୍ୟର ସତ୍ୟ ହେଉଛି ଆତ୍ମା । ଉକ୍ତ ଭଦ୍ରବ୍ୟକ୍ତି ଜଣକ ମୋ କଥା ଶୁଣି କହିଲେ, ଆପଣ ଠିକ କହିଛନ୍ତି କିନ୍ତୁ ବର୍ତ୍ତମାନର ମଣିଷ ବନ୍ୟହାତୀ ପରି ବୁଲୁଛି, ନିଜର ଖିଆଲ ଅନୁସାରେ ଖାଉଛି, ଲଢ଼େଇ କରୁଛି, ଧାଉଁଛି । ସର୍ବ ବିଦ୍ୟାରେ ପାରଙ୍ଗମ, ବେଦଜ୍ଞ ରାବଣ ଏତେ ଜପତପ କରିବା ପରେ ମଧ୍ୟ ଅସୀମଙ୍କୁ କାହିଁକି ବୁଝିପାରିଲାନି ବୋଲି ଟ୍ରେନରେ ଯାତ୍ରା କରୁଥିବା ଆଉ ଜଣେ ସହଯାତ୍ରୀ ଆମ କଥା ଶୁଣି ପଚାରିଲେ । ଏହାର ଉତ୍ତର ରଖି ମୁଁ କହିଥିଲି, ଆପଣ ଜ୍ଞାତି, କୁଟୁମ୍ବ, ସ୍ତ୍ରୀ, ସନ୍ତାନ ମରିଗଲେ ଘରେ ଆତ୍ମୀୟ ସ୍ୱଜନମାନେ ବିଳାପ କରୁଥିବା କଥା ଆପଣ ଶୁଣୁଥିବେ । ଅନେକେ ତାହାକୁ ଶୁଣି ସେମାନେ ମଧ୍ୟ ବିଳାପ କରୁଥିବା ଶୁଣିଥିବେ । ତେବେ ରାବଣର ମୃତ୍ୟୁ ସମୟରେ ମନ୍ଦୋଦରୀ ବିଳାପ କରି କଣ କହିଥିଲା ଆପଣ ଜାଣନ୍ତି ? ଟ୍ରେନରେ ଆମ କଥା ଶୁଣୁଥିବା ସମସ୍ତ ସହଯାତ୍ରୀ କାନଡେରିଲେ । ମୁଁ କହିଲି ମନ୍ଦୋଦରୀ ସେ ଦିନ ବିଳାପ କରି କହିଲେ 'ହାୟ ! ତୁମେ କେବଳ ତୁମର କାମନା ଗୁଡ଼ିକୁ ଦମନ କରିଥିଲ, ତୁମେ ସେଗୁଡ଼ିକୁ ଉତ୍ପାଟିତ କରି ନଥିଲ, ଉତ୍ତେଜନା ଦୃଢ଼ ହେବା ବେଳେ, କାମର ହୀନ ଅଭିଳାଷ ଶୀଘ୍ର ଅଙ୍କୁରିତ ହେଲା । ବର୍ଷା ଆସିବା ବେଳେ ଶୁଷ୍କ ହଳଦିଆ ମାଟି ତଳେ ଘାସର ବୀଜ ଓ ଚେର ଥିବା ଯୋଗୁଁ ସବୁଜ ହୋଇଗଲା । ସେ ଗୁଡ଼ିକୁ ଉପାଡ଼ି ନଷ୍ଟ କରାଯାଇନଥିଲା' । ସେହିପରି ଆମେମାନେ ଅସ୍ମିତା ଶବ୍ଦର ଅର୍ଥ ବୁଝିଥିଲେ ମଧ୍ୟ ତାକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ ନ କରିପାରିଲେ, ରାବଣ ପରି ଆମ ଅନ୍ତ ସୁନିଶ୍ଚିତ ।

ଅବସର ପ୍ରାପ୍ତ ପ୍ରଧାପିକା, ସିଡିଏ,
କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ପ୍ରଶ୍ନ ପଚାରିବାର ତରିକା

**କିଶୋର ଚନ୍ଦ୍ର ବେହେରା**

ପ୍ରତ୍ୟେକ ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନରେ ନବ ନିଯୁକ୍ତ ସମସ୍ତ କର୍ମଚାରୀମାନଙ୍କୁ ସରକାରୀ ସ୍ତରରେ ହେଉ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ତାଲିମ୍ ପ୍ରଦାନ କରାଯାଇଥାଏ । ପ୍ରଶାସନିକ ବ୍ୟବସ୍ଥାକୁ କିପରି ସୁଦୃଢ଼ କରାଯିବ ସେଥିନିମନ୍ତେ ବରିଷ୍ଠ ଅଧିକାରୀମାନେ ଉପଯୁକ୍ତ ପ୍ରଶିକ୍ଷକ ମାନଙ୍କୁ ନିୟୋଜିତ କରି ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି । ଯାହାକି ପରିଚାଳନା କ୍ଷେତ୍ରରେ କୌଣସି ସମସ୍ୟା ରହିବ ନାହିଁ ଓ ସମସ୍ତ ନବ ନିଯୁକ୍ତ ପ୍ରାର୍ଥୀ ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟି ହୋଇଥାଏ ଓ ପରସ୍ପରକୁ ବୁଝିବାରେ ସହଜ ହୋଇଥାଏ । ରାଜ୍ୟର ସପ୍ତଦଶ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରିବା ସହ ପ୍ରଶାସନିକ ସ୍ତରରେ ଅଦଳବଦଳ କରି ଅଧିକାରୀ ମାନଙ୍କୁ ଥଇଥାନ କରିଛନ୍ତି । ଦୀର୍ଘ ଚବିଶ ବର୍ଷ ଶାସନ ଗାଦିରେ ଥିବା ବିଜୁ ଜନତା ଦଳ ମୁଖ୍ୟ ବିରୋଧୀ ଦଳର ଭୂମିକା ଗ୍ରହଣ କରିଥିବା ବେଳେ ଚଉଦ ଜଣ ବିଶିଷ୍ଟ କଂଗ୍ରେସ ବିଧାୟକମାନେ ବସିଛନ୍ତି ବିରୋଧୀ ଗାଦିରେ । ରାଜନୀତି ପଶାପାଳିରେ ବିରୋଧୀ ଦଳର ସଦସ୍ୟମାନେ ବେଶ୍ ମାହାରୀ ଗୋଟି ଚାଳନା କରି ଶାସକ ଦଳକୁ ପରାଜିତ କରିବା ପାଇଁ ସମସ୍ତ ବିରୋଧୀ ଦଳ ଶିବିରରେ ଚାଲିଛି ଅଙ୍କକଷା । ଚବିଶ ବର୍ଷର ଯୁବକକୁ ସାମ୍ନା କରିବାକୁ ଯାଇ ପଚାସ ଦିନର ଶିଶୁ ସପ୍ତଦଶ ବିଧାନସଭା ସଭାର ପ୍ରଥମ ଅଧିବେଶନରେ ୨୦୨୪-୨୦୨୫ ବର୍ଷ ନିମନ୍ତେ ବଜେଟ ଉପସ୍ଥାପିତ କରିଛନ୍ତି । ଚଳିତ ବିଧାନସଭାକୁ ୮୪ଜଣ ନବାଗତ ବିଧାୟକ ପ୍ରତିନିଧିତ୍ୱ କରୁଛନ୍ତି ନିଜନିଜ ନିର୍ବାଚନ ମଣ୍ଡଳୀରୁ ଉଭୟ ଶାସକ ଓ ବିରୋଧି ଦଳର ରାଜନେତାମାନେ । ଅନେକ ଆଶା ଓ ବିଶ୍ୱାସ ନେଇ ସାଧାରଣ ନାଗରିକମାନେ ପଠାଇଛନ୍ତି ତାଙ୍କର ପ୍ରତିନିଧି ମାନଙ୍କୁ ନିଜ ଅଞ୍ଚଳର ବିକାଶ ନିମନ୍ତେ । ଆଗାମୀ ଦିନରେ ଜଣାପଡ଼ିବ ନିର୍ବାଚିତ ପ୍ରତିନିଧିମାନେ କେତେଦୂର ବିଶ୍ୱାସ ଭାଜନ ହୋଇପାରିଛନ୍ତି । ନିଜ ଅଞ୍ଚଳର ଭୋଟର ମାନଙ୍କ ନିମନ୍ତେ । ପାଞ୍ଚ ବର୍ଷାର ରିପୋର୍ଟ କାର୍ଡ ଦାଖଲ କରିବାକୁ ପଡ଼ିବ ନିଜ ଅଞ୍ଚଳର ଜନସାଧାରଣଙ୍କ ସମ୍ମୁଖରେ ୨୦୨୯ ବିଧାନସଭା ନିର୍ବାଚନ ସମୟରେ । ସମୟ କହିବ କେତେଦୂର ବିଶ୍ୱାସ ଭାଜନ ହୋଇପାରୁଛନ୍ତ ଭୋଟର ମାନଙ୍କ ନିକଟରେ ।

ରାଜ୍ୟ ବିଧାନସଭା କାର୍ଯ୍ୟାଳୟ ଓ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ନବାଗତ ନବ ନିର୍ବାଚିତ ବିଧାୟକ ମାନଙ୍କର ଏକ ତାଲିମ ଶିବିର ଆବଶ୍ୟକତା ପଡ଼ିଥାଏ । ଭାରତର ସମ୍ବିଧାନ, ବିଧାସଭାର ନିୟମାବଳୀ, ବିଧାୟକଙ୍କ କର୍ତ୍ତବ୍ୟ ଉପରେ କେନ୍ଦ୍ରୀୟ ବରିଷ୍ଠ ନେତା, ଅଭିଜ୍ଞ ଜନପ୍ରତିନିଧି , ପୂର୍ବତନ ମନ୍ତ୍ରୀ, ସାଂସଦ, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ବିଧାୟକଙ୍କୁ ତାଲିମ ପ୍ରଦାନ କରିଥାନ୍ତି । ରାଜ୍ୟର ସମସ୍ତ ବିଧାୟକମାନଙ୍କୁ ପ?ାଯାଏ ବିଧାନସଭା ପାଠ । ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର ନିଜ ମତ କିଭଳି ରଖିବେ, ଆଚରଣ, ଉଚ୍ଚାରଣ କେମିତି ରଖିବେ ସେନେଇ ବିଧାୟକଙ୍କୁ ଦିଆଯାଏ ତାଲିମ । ବିଧାନସଭାର କମିଟି ବ୍ୟବସ୍ଥା ଓ ବୈଧାନିକ ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥାଏ । ଏଥିସହ ସଂସଦୀୟ ବିଶେଷାଧିକାର ପ୍ରଥା, ପରମ୍ପରା ଓ ଶିଷ୍ଟାଚାର ସମ୍ପର୍କରେ ବିଧାୟକ ଓ ବିଧାୟିକାମାନେ ତାଲିମ ନେଇଥାନ୍ତି । ଏହି ତାଲିମ ବିଶେଷ କରି ବିଧାନସଭାର ପଦମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ରାଜ୍ୟର ତଥା ନିଜ ଅଞ୍ଚଳର ବିକାଶ ନିମନ୍ତେ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି । ଏହି ପ୍ରଶିକ୍ଷଣ ବିଶେଷ କରି ଦୁଇ କିମ୍ବା ତିନି ଦିନ ମଧ୍ୟରେ ସୀମିତ ରଖାଯାଇଥାଏ । ସମସ୍ତ ବିଧାୟକଙ୍କୁ ବିଧାନସଭା ପରିଚାଳନା ସଂପର୍କିତ ନିୟମାବଳୀ ପ୍ରଦାନ କରାଗଲେ ମଧ୍ୟ ବ୍ୟବହାରିକ ଶିକ୍ଷା ବେସ୍ ଗୁରୁତ୍ୱ ବହନ କରିଥାଏ ବିଧାନସଭା ପରିଚାଳନା କ୍ଷେତ୍ରରେ । ରାଜ୍ୟ ମନ୍ତ୍ରୀମଣ୍ଡଳ ବିଧାନସଭା ନିକଟରେ ପ୍ରତ୍ୟେକ ବିଭାଗ ନିମନ୍ତେ ଉତ୍ତରଦାୟୀ ରହିଥାଏ । ବିଧାନସଭାର ସଦସ୍ୟମାନେ କିଭଳି ଭାବରେ ବିଭିନ୍ନ ଉପାୟରେ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ବିଧାନସଭା ଚାଲିଥିବା ସମୟରେ ପ୍ରତ୍ୟେକ ଦିନ ଦିନ ୧୧ ଠାରୁ ୧୨ଟା ପର୍ଯ୍ୟନ୍ତ ପ୍ରଶ୍ନକାଳ ଜାରି ରହିଥାଏ ବିଧାୟକମାନେ ବିଭିନ୍ନ ପ୍ରଶ୍ନ ପଚାରି ମନ୍ତ୍ରୀ ମାନଙ୍କଠାରୁ ଉତ୍ତର ଆଦାୟ କରିଥାନ୍ତି । ଏହାଫଳରେ ମନ୍ତ୍ରୀମାନଙ୍କର ଦୋଷ ଦୁର୍ବଳତା ପଦାକୁ ଆସିଥାଏ । ମୁଲତବୀ ପ୍ରସ୍ତାବ ମାଧ୍ୟମରେ ସର୍ବସାଧାରଣଙ୍କ ସ୍ୱାର୍ଥ ଜଡ଼ିତ, ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ବିଷୟକୁ ସରକାର ଏବଂ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବା ପାଇଁ ବିରୋଧୀ ଦଳ ସଦସ୍ୟମାନେ ମୁଲତବୀ ପ୍ରସ୍ତାବ ଜରିଆରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀକୁ ବ୍ୟାଘାତ କରି ଆଲୋଚନା ପାଇଁ ଦବି କରିଥାନ୍ତି । ସମସ୍ତ ରାଜନୈତିକ ଦଳର ସଭ୍ୟମାନେ ନିଜ ଅଞ୍ଚଳର ସମସ୍ୟା ଓ ସମାଧାନର ପ୍ରସ୍ତାବ ବିଧାନସଭାରେ ଆଗତ କରି ତା' ଉପରେ ତର୍କ ଓ ବିତର୍କ ଆଲୋଚନା ଫଳରେ ସରକାରଙ୍କ ଅପାରଗତା ପଦାକୁ ଆସିଥାଏ । ବିରୋଧୀ ଦଳର ମୁଖ୍ୟ ଅସ୍ତ୍ର ହେଉଛି ଅନାସ୍ଥା ପ୍ରସ୍ତାବ, ପ୍ରସ୍ତାବଟି ଯଦି ସଂଖ୍ୟା ଗରିଷ୍ଠତା ହାସଲ କରିଥାଏ, ତାହା ହେଲେ ମନ୍ତ୍ରୀମଣ୍ଡଳର ପତନ ଘଟିଥାଏ । ଧ୍ୟାନ ଆକର୍ଷଣ ପ୍ରସ୍ତାବ ମାଧ୍ୟମରେ ସମସ୍ତ ବିଭାଗର ଦୋଷ ଦୁର୍ବଳତା ପ୍ରମାଣିତ ହେଲେ ସରକାରଙ୍କର ଅପାରଗତା ପ୍ରମାଣ ହୁଏ । ସରକାରୀ ଦଳ ବଜେଟ ଆଗତ କଲାପରେ ବିରୋଧୀ ଦଳର ସଦସ୍ୟ କିମ୍ବା ଅନ୍ୟ ଯେକୌଣସି ସଦସ୍ୟମାନେ ବିଭାଗୀୟ ଖର୍ଚ୍ଚ ଉପରେ ନାନା ପ୍ରକାର ପ୍ରଶ୍ନ ଉଠାଇ ଖର୍ଚ୍ଚ କାଟ କରିବା ପାଇଁ ପ୍ରସ୍ତାବ ଆଗତ କରିଥାନ୍ତି । ସରକାରଙ୍କ କାର୍ଯ୍ୟକଳାପ ଉପରେ ଘୋର ଅସନ୍ତୁଷ୍ଟ ହେଲେ ବିରୋଧୀ ଦଳର ସଦସ୍ୟମାନେ ନିନ୍ଦା ପ୍ରସ୍ତାବ ଆଗତ କରିଥାନ୍ତି । ଯଦି ଉକ୍ତ ପ୍ରସ୍ତାବଟି ସଂଖ୍ୟାଗରିଷ୍ଠତାରେ ପାରିତ ହୁଏ ତେବେ ମନ୍ତ୍ରୀମଣ୍ଡଳର ପତନ ଘଟିଥାଏ । କୌଣସି ମନ୍ତ୍ରୀ, ସଦସ୍ୟ, ବ୍ୟକ୍ତି କିମ୍ବା ଅନୁଷ୍ଠାନ, ଗୃହ ଅଥବା ତାହାର କୌଣସି ସଭ୍ୟଙ୍କର ଅସମ୍ମାନ କରିଥିଲେ ତାଙ୍କ ବିରୁଦ୍ଧରେ ସ୍ୱାଧିକାର ପ୍ରସ୍ତାବ ଆଗତ ହେଲେ ତାଙ୍କୁ ଦଣ୍ଡିତ କରାଯାଇପାରେ । ଭୁଲ ତଥ୍ୟ ଉପସ୍ଥାପନା କିମ୍ବା ତଥ୍ୟ ଗୁପ୍ତ ରଖିବା କାରଣରୁ ମଧ୍ୟ ଜଣେ ମନ୍ତ୍ରୀଙ୍କ ବିରୋଧରେ ଯେକୌଣସି ସଦସ୍ୟ ଗୃହରେ ଆଗତ କରିପାରିବେ ।

ଭାରତୀୟ ସଂବିଧାନ ୧୬୪ ଧାରାନୁସାରେ ରାଜ୍ୟ ମନ୍ତ୍ରିମଣ୍ଡଳ ବିଧାନସଭା ନିକଟରେ ମିଳିତଭାବେ ଦାୟୀ ରହେ । ରାଜ୍ୟ କାର୍ଯ୍ୟପାଳିକାକୁ ନିୟନ୍ତ୍ରଣ କରିବା ପାଇଁ ବିଧାନସଭାର ସଦସ୍ୟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର ପ୍ରସ୍ତାବ ମାଧ୍ୟମରେ । ପ୍ରତ୍ୟେକ ସଦସ୍ୟମାନେ ପ୍ରଶ୍ନ ପଚାରିଲା ସମୟରେ ସମ୍ବିଧାନର ପଦମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ଗୃହରେ ଅଧକ୍ଷତା କରୁଥିବା ବାଚସ୍ପତି ଓ ବିଭାଗୀୟ ମନ୍ତ୍ରୀଙ୍କୁ ସାମ୍ବିଧାନିକ ମର୍ଯ୍ୟାଦାରେ ସମ୍ବୋଧିତ କରି ପ୍ରଶ୍ନର ଉତ୍ତର ଚାହିଁବା ବୈଧାନିକ ଅଧିକାର । ସଦସ୍ୟମାନେ ପ୍ରଶ୍ନ ଏଭଳି କରିବା ଉଚିତ ପ୍ରଶ୍ନଟିକୁ ନିଜ ଅଞ୍ଚଳରେ ସିମିତ ନରଖି ରାଜ୍ୟର ସ୍ୱାର୍ଥ କ୍ଷେତ୍ରରେ ଉପଯୋଗ ହୋଇ ପାରୁଥିବ ଓ ପ୍ରଶ୍ନ ମଧ୍ୟରେ ଥିବ ହାସ୍ୟରସ ଏବଂ ଗାମ୍ଭିର୍ଯ୍ୟପୂର୍ଣ୍ଣ ଶବ୍ଦ ହରଡ଼ଘଣାରେ ପକାଇ ଦେଉଥିବେ ବିଭାଗୀୟ ମନ୍ତ୍ରୀଙ୍କୁ । ସପ୍ତଦଶ ବିଧାନସଭାର ପ୍ରଥମ ବଜେଟ ଅଧିବେଶନର ଆଠ ଦିନିଆ କାର୍ଯ୍ୟ ଦିବସ ଅବସରରେ ଅନେକ ନବାଗତ ସଦସ୍ୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏବଂ ସମାନଙ୍କର ପ୍ରଶ୍ନ ଗୁଡିକ ସିଧାସଳଖ ଓ ଅପ୍ରସ୍ତୁତ ଥିଲା ଭଳି ହୃଦବୋଧ ହେଉଥିଲା । ସଦସ୍ୟମାନଙ୍କର ମନୋବଳ ସୁଦୃଢ଼ କରିବା ପାଇଁ ଯେଉଁ ନବାଗତ ବିଧାୟକମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି ସେମାନଙ୍କର ସଫଳତା କାର୍ଯ୍ୟକଳାପ ସଂପର୍କରେ ବାଚସ୍ପତି ସମ୍ୟକ ସୂଚନା ଗୃହରେ ଉପସ୍ଥାପନ କରିବାର ଆବଶ୍ୟକତା ରହିଥାଏ । ନିର୍ବାଚନ ସମୟରେ ପ୍ରତ୍ୟେକ ବିଧାୟକ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି ଅଞ୍ଚଳର ବିକାଶ କରିବା ସହ ରାଜ୍ୟର ପ୍ରଗତିରେ ସହାୟକ ହେବା ପାଇଁ । ଗଣତନ୍ତ୍ର ମନ୍ଦିରରେ ଆରୋପ ପ୍ରତ୍ୟାରୋପକୁ ପଛରେ ପକାଇ ରାଜ୍ୟର ଉନ୍ନତି ପାଇଁ କାମ କରିବାକୁ ସଂକଳ୍ପବଦ୍ଧ ହେବାର ଆବଶ୍ୟକତା ଅଛି ।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ ୯୪୩୭୯୫୫୫୬୮




# କାଶ୍ମୀରରେ ପୁଣି ଆତଙ୍କବାଦ

୨୦୧୯ ଅଗଷ୍ଟ ୫ତାରିଖ ଦିନ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରରୁ ସମ୍ବିଧାନର ୩୭୦ଧାରା ଉଚ୍ଛେଦ ସହ ରାଜ୍ୟମାନ୍ୟତା ରଦ୍ଦ କରି ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ପରିଣତି କରିବା ଇତିମଧ୍ୟରେ ପାଂଚବର୍ଷ ପୂରଣ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କର ଆକସ୍ମିକ କଠୋର ନିଷ୍ପତି ଏବଂ ଅଦଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଶାନ୍ତ ଜାମ୍ମୁ-କାଶ୍ମୀରୁ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇବ ବୋଲି ଆଶା କରାଯାଉଥିଲା। ଅବଶ୍ୟ ସେତେବେଳେ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଗ୍ରହଣ କରିଥିବା ଅଦଭୂତପୂର୍ବ ସୁରକ୍ଷା ବ୍ୟବସ୍ଥାକୁ ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରି ନେଇଛନ୍ତି। କିନ୍ତୁ କେନ୍ଦ୍ରଶାସିତ ଅଂଚଳରେ ସ୍ୱାଭାବିକ ଅବସ୍ଥା ଫେରିବା, ଆତଙ୍କବାଦ ବନ୍ଦ ହେବା ନେଇ ଯେଉଁ ଆଶା କରାଯାଉଥିଲା, ତାହା କେବଳ ଆଶାରେ ରହିଯାଇଛି ବୋଲି କହିଲେ ହୁଏତ ଭୁଲ ହେବ ନାହିଁ। ସରକାରୀ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ଜୁଲାଇ ମାସରେ ଆତଙ୍କବାଦୀଙ୍କ ଆକ୍ରମଣରେ ୧୨ଜଣ ଯବାନ ସହିଦ୍ ହୋଇଥିବାବେଳେ ଗତ ପାଂଚ ବର୍ଷ ମଧ୍ୟରେ ୧୨୫ଜଣ ଯବାନ ସହିଦ୍ ହୋଇଛନ୍ତି। ସେହିପରି ଏଇ ଅବଧି ମଧ୍ୟରେ ଆତଙ୍କବାଦୀଙ୍କୁ ମୃତ୍ୟୁ ସଂଖ୍ୟା ମଧ୍ୟ ଏହାଠାରୁ ଅଧିକ ରହିଥିବା ସାଧାରଣ ନିରୀହ ଲୋକଙ୍କ ମୃତ୍ୟୁ ମଧ୍ୟ କିଛି କମ୍ ନୁହେଁ। ନିକଟରେ ଜାମ୍ମୁ-କାଶ୍ମୀରର ଜାମ୍ମୁ ରେଜିଆନର ଡୋଡା ଜିଲ୍ଲାରେ ଆତଙ୍କବାଦୀଙ୍କ ଗୁଳିରେ ସେନା ବାହିନୀର ଜଣେ କ୍ୟାପଟେନଙ୍କ ସହ ୪ଜଣ ଯବାନ ସହିଦ୍ ହେବା ଏବଂ ଜାମ୍ମୁର ସୀମାନ୍ତ ଘଂଚ ପାହାଡିଆ ଅଂଚଳରେ ବାରମ୍ବାର ସେନାଗାଡି ଉପରେ ଆକ୍ରମଣ ଘଟଣା ଏବେ କେନ୍ଦ୍ରଶାସିତ ଅଂଚଳକୁ ପୁନର୍ବାର ଆତଙ୍କବାଦ ପ୍ରତ୍ୟାବର୍ତନ କରିଥିବା ସଂକେତ ପ୍ରଦାନ କରିଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, କାଶ୍ମୀର ଉପତ୍ୟକାରୁ ଦୃଷ୍ଟି ଫେରାଇ ଆତଙ୍କବାଦୀମାନେ ଏବେ ଜାମ୍ମୁ ଅଂଚଳକୁ ନିଶାଣ କରିଥିବା କୁହାଯାଇପାରେ। ଗତ ମାସରେ ରିଆସି ଜିଲ୍ଲାରେ ଗୋଟିଏ ତୀର୍ଥଯାତ୍ରୀ ବସ ଉପରେ କରିଥିଲେ, ଯେଉଁ ଘଟଣାରେ ୧୦ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଜାମ୍ମୁ-କାଶ୍ମୀର ଆତଙ୍କବାଦୀ ପୁଣି ସକ୍ରୀୟ ହୋଇପଡିଥିବା ଗତ ମାସରେ ଘଟିଥିବା କେତେକ ଘଟଣା ଆତଙ୍କବାଦକୁ ସୁନିଶ୍ଚିତ କରିଛି। ପ୍ରଧାନମନ୍ତ୍ରୀ ଏକ ଜରୁରୀ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତି ସମ୍ପର୍କରେ ବିଚାର ବିମର୍ଶ କରିବା ଆତଙ୍କବାଦର ଗଭୀରତା ସମ୍ପର୍କରେ ସଂକେତ ଦିଏ। କହିବା ବାହୁଲ୍ୟ ଯେ, ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ କରିବାକୁ ସୁପ୍ରିମକୋର୍ଟ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିକଟ ଭବିଷ୍ୟତରେ ଯେକୌଣସି ସମୟରେ କେନ୍ଦ୍ରଶାସିତ ଅଂଚଳର ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ସମ୍ଭାବନା ରହିଛି। ବିଧାନସଭା ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ଠାରୁ ଆରମ୍ଭ କରି ଭୋଟର ତାଲିକା ସଂଶୋଧନ ମଧ୍ୟ ହୋଇପାରିଛି। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଜାମ୍ମୁ-କାଶ୍ମୀରରେ ଯେଉଁଭଳି ମତଦାନ ହାର ଅଦ୍‌ଭୂତପୂର୍ବ ଥିଲା। ଯାହାକି ବିଧାନସଭା ନିର୍ବାଚନ ପାଇଁ ରାଜ୍ୟର ଜନସାଧାରଣ ଉତ୍କଣ୍ଠିତ ଥିବା ସ୍ପଷ୍ଟ ସଂକେତ ପ୍ରଦାନ କରିଛି। କହିବା ବାହୁଲ୍ୟ ଯେ, ଗତ ତିନି ଦଶନ୍ଧି ପରେ ରାଜ୍ୟବାସୀ ବୁଲେଟକୁ ଖାତିର ନକରି ବ୍ୟାଲେଟରେ ସେମାନଙ୍କର ମତ ଦେଇଥିଲେ। ପ୍ରଥମ ଥର ପାଇଁ ହାରାହାରି ମତଦାନ ହାର ଗତ ତିନି ଦଶନ୍ଧି ପରେ ସର୍ବୋଚ୍ଚ ଥିଲା। ଉଲ୍ଲେଖ କରାଯାଇପାରେ ଯେ, ଗତ ୧୦ବର୍ଷ ପରେ ଜାମ୍ମୁ-କାଶ୍ମୀରରେ ଏହା ହେବ ପ୍ରଥମ ବିଧାନସଭା ନିର୍ବାଚନ। ଏହା ନିସନ୍ଦେହ ଯେ, ଲୋକସଭା ନିର୍ବାଚନରେ ସର୍ବୋଚ୍ଚ ମତଦାନ ହାର ପରେ ବିଧାନସଭା ନିର୍ବାଚନ ପାଇଁ ଉଭୟ କେନ୍ଦ୍ର ସରକାର, କେନ୍ଦ୍ରଶାସିତ ଅଂଚଳ ପ୍ରଶାସନ ଏବଂ ଭାରତର ନିର୍ବାଚନ କମିଶନରଙ୍କ ପାଇଁ ଏକ ସୁଯୋଗ ଆଣିଦେଇଛି। ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ଆସନ୍ନ ହୋଇପଡିଥିବାବେଳେ ନିକଟରେ କେନ୍ଦ୍ରଶାସିତ ଅଂଚଳ ଦିଲ୍ଲୀ ଢାଂଚାରେ କେନ୍ଦ୍ର ସରକାର ଉପ-ରାଜ୍ୟପାଳଙ୍କ କ୍ଷମତା ବୃଦ୍ଧି କରିଛନ୍ତି। ଏହି କ୍ଷମତାବଳରେ ଏଣିକି ଉପ-ରାଜ୍ୟପାଳ ସର୍ବଭାରତୀୟ ସେବା ଅଧିକାରୀ କ୍ୟାଡର ପୋଲିସ ନିଯୁକ୍ତି ଏବଂ ବଦଳୀ କ୍ଷେତ୍ରରେ ଚୂଡାନ୍ତ କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ ପୋଲିସ ନିଯୁକ୍ତି ଓ ବଦଳୀ ଉପରେ ନିର୍ବାଚିତ ସରକାରର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଚଳିତବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ କେନ୍ଦ୍ର ସରକାର ଉପ-ରାଜ୍ୟପାଳମାନଙ୍କ କ୍ଷମତାବୃଦ୍ଧି କରିଛନ୍ତି। କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କାଶ୍ମୀରର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କେନ୍ଦ୍ର ସରକାର ନିଜର କର୍ତ୍ତୃତ୍ୱ ପରିସର ବୃଦ୍ଧି କରିଥିବାରୁ ନିର୍ବାଚିତ ସରକାରର କ୍ଷମତା ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। କେବଳ ଏତିକି ନୁହେଁ, ଜାମ୍ମୁ-କାଶ୍ମୀରକୁ ପୁନର୍ବାର ରାଜ୍ୟପାହ୍ୟା ପଦାନ ପ୍ରସ୍ତାବ, ଯାହାକି ଯଥାଶୀଘ୍ର ସମ୍ଭବ ପାଇଁ କେନ୍ଦ୍ର ସରକାର ବାରମ୍ବାର ଘୋଷଣା କରିଥିବାବେଳେ ଏବେ ପୁନଃ ରାଜ୍ୟପାହ୍ୟା ପ୍ରସ୍ତାବ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶର ସମ୍ବିଧାନ ଅନୁଯାୟୀ ରାଜ୍ୟର ନିର୍ବାଚିତ ସରକାରଙ୍କ ଦ୍ୱାରା ରାଜ୍ୟ ପରିଚାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ପ୍ରତିନିଧି ରାଜ୍ୟପାଳଙ୍କର କ୍ଷମତା ସୀମିତ ହୋଇଥାଏ। ଜାମ୍ମୁ-କାଶ୍ମୀରକୁ ଯଦି ପୁନର୍ବାର ରାଜ୍ୟାପାହ୍ୟା ପ୍ରଦାନ କରାଯାଏ, ତେବେ କେନ୍ଦ୍ରର କ୍ଷମତା କାର୍ଯ୍ୟକାରୀ ହେବ କିପରି? ଆତଙ୍କବାଦି ଉପଦ୍ରୁତ ଅଶାନ୍ତ ଅଂଚଳରେ ଜନସାଧାରଣଙ୍କର ହୃଦୟ ଏବଂ ମନୋଭାବକୁ କେନ୍ଦ୍ର ସରକାର ପ୍ରଥମେ ଜିଣିବା ଜରୁରୀ। ଏଥିପାଇଁ କେନ୍ଦ୍ର ସରକାର କୌଣସି ରାଜନୈତିକ ଅଭିସନ୍ଧି ନରଖି ସ୍ୱଚ୍ଛ ମନୋଭାବ ନେଇ କାର୍ଯ୍ୟ କରିବା ଜରୁରୀ। ବିଧାନସଭା ନିର୍ବାଚନ ସହ ତୁରନ୍ତ ରାଜ୍ୟପାହ୍ୟା ପ୍ରଦାନ ସହ ରାଜ୍ୟର ଶାସନ ଭାର ଜନସାଧାରଣଙ୍କ ଉପରେ ଛାଡିଦେବା ଉଚିତ। ଅନ୍ୟଥା ଆତଙ୍କବାଦୀଙ୍କ ପ୍ରତି ଜନସାଧାରଣଙ୍କ ସମର୍ଥନ ବୃଦ୍ଧି ପାଇବା ସହ ଆତଙ୍କୀ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା ଏଡାଇ ଦିଆଯାଇନପାରେ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନକ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ବିଜେପି ରାଜ୍ୟ ସଭାପତି ଗଜପତି ଜିଲ୍ଲା ଗ୍ରସ୍ତ, ସମୂହ ବିକାଶ ଉନ୍ନତି ଉପରେ ଗୁରୁତ୍ୱାରୋପ

ପାରଳାଖେମୁଣ୍ଡି, (ପି.ଏନ): ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଗଜପତି ଜିଲ୍ଲା ଗ୍ରସ୍ତରେ ଆସି ପାରଳାଖେମୁଣ୍ଡି ଠାରେ ପହଞ୍ଚିଥିଲେ। କୋରାପୁଟ ଏବଂ ରାୟଗଡା ଜିଲ୍ଲା ଗ୍ରସ୍ତ ସାରି ନିର୍ବାଚନ ପରେ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ଗଜପତି ଜିଲ୍ଲାକୁ ଏହା ତାଙ୍କର ପ୍ରଥମ ଗ୍ରସ୍ତ। ପାରଳାଖେମୁଣ୍ଡି ସର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଥିଲେ ଯେ, ଏ ବିଜେପି ସରକାର ଆସିବା ପୂର୍ବରୁ ଯେଉଁ ସବୁ କରିବା ପାଇଁ ସଂକଳ୍ପ ପତ୍ରରେ ଉଲ୍ଲେଖ କରିଥିଲା, ତାହା ଅକ୍ଷର ସହ ପାଳନ କରିବୁ। ଓଡ଼ିଶାର ଲୋକେ ବିଜେପିକୁ ଦୀର୍ଘ ୭୫ ବର୍ଷ ପରେ ଏକାକୀ ସରକାର ଦେଇଛନ୍ତି, ଏହା କେବଳ ଓଡ଼ିଶା ବାସୀଙ୍କ ବିଜେପି ପ୍ରତି ଅକୁଣ୍ଠ ସହଯୋଗ, ଶୁଭେଚ୍ଛା ଓ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି, ତେଣୁ ଓଡ଼ିଶା ବାସୀଙ୍କ ବିଶ୍ୱାସ ଓ ଭରସାକୁ ଆମେ ସମ୍ମାନ ଦେବୁ ବୋଲି କହିଥିଲେ। ଓଡ଼ିଶା ନିର୍ବାଚନ ଫଳାଫଳରେ ଆମେ ବିଜୟୀ ହେବା ପରେ ଗତ ୧୨ ତାରିଖରେ ଆମେ ଶପଥ ନେବା ୧ ଘଣ୍ଟା ପରେ ଯେଉଁ ପ୍ରଥମ କେବିନେଟ ମିଟିଂ ହୋଇଥିଲା ଏବଂ ଆମର ସଂକଳ୍ପ ପତ୍ରରେ ଉଲ୍ଲେଖ ଥିବା ୪ ଟି ସଂକଳ୍ପ ପୂରାଣ ନିଷ୍ପତ୍ତିର ଅନୁମୋଦନ ହୋଇଥିଲା, ଯେ ପୁରୀ ଜଗନ୍ନାଥ ମନ୍ଦିରର ୪ ଟି ଦ୍ୱାରା ଖୋଲାଯିବ, ରତ୍ନଭଣ୍ଡାର ଚାବି ଖୋଲାଯିବ, କଟନି ଛଟନି ନ ହୋଇ ଚାଷୀଙ୍କ ସବୁ ଧାନ ବସ୍ତା ପିଛା ୩୧ ଶହ ଟଙ୍କାରେ କିଣାଯିବା ସହ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବ ଏବଂ ପରେ ୮ଶହ ଟଙ୍କା ଏକ୍ସ୍ରା ବନସ ମିଳିବ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ।ୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।”

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ଼ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଉଠିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ। ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଢଂଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଶ୍ୱ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ୍। ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।






# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରରେ କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

## ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଜନ୍ମବାର୍ଷିକ ପାଳିତ

ଭୁବନେଶ୍ୱର,(ପି.ଏନ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ଆବାହକ୍ତରେ ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ପୂଣ୍ୟ ଜନ୍ମତିଥି ପାଳତ ହୋଇଯାଇଛି । ଏହି ଅବସରରେ ବୃକ୍ଷରୋପଣ କରାଯିବା ସହ ଗରିବ ଲୋକମାନଙ୍କୁ ଖାଦ୍ୟ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ କହିଥିଲେ ଯେ ସଂଗ୍ରାମ ଜେନା ଥିଲେ ଯୁବ ଛାତ୍ରମାନଙ୍କର ମାର୍ଗଦର୍ଶକ । ସେଥିଲେ ଓଡ଼ିଶାର ପ୍ରଥମ ନିର୍ବାଚିତ ପ୍ରଦେଶ ଯୁବ କଂଗ୍ରେସ ସଭାପତି । କେବଳ ଭୁବନେଶ୍ୱରରେ ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସେ କଂଗ୍ରେସ ଦଳକୁ ମଜବୁତ କରିବାପାଇଁ ଦଳର ଛାତ୍ର ଓ ଯୁବ କଂଗ୍ରେସ ସଂଗଠନକୁ ନିଜ ଉଦ୍ୟମରେ ଦୃଢ଼ୀଭୁତ କରୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ ନେତୃତ୍ୱର ପ୍ରଭାବ ଏ ରାଜ୍ୟର ଛାତ୍ର ସମାଜ ଏବଂ ଯୁବ ସମାଜ ଉପରେ ରହିଥିଲା । ବିଶେଷ କରି ସେ କଂଗ୍ରେସ ଦଳର ଏକ ସମ୍ପତି ଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ବିଧାୟକ ତଥା ରାଜ୍ୟସ୍ତରୀୟ ସଂଗ୍ରାମ କେଶରୀ ଜେନା ସ୍ମୃତି କମିଟିର ଅଧ୍ୟକ୍ଷ ଶ୍ରୀ ତାରାପ୍ରସାଦ ବାହିନୀପତି ଯୋଗଦେଇ କହିଥିଲେ ଯେ ସଂଗ୍ରାମ ଜେନା ନିଜର ଆଚରଣ ଓ ଉଚାରଣ ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । କଂଗ୍ରେସ ଦଳ ତାଙ୍କର ଅପୁପସ୍ଥିତିର ଶୂନ୍ୟତାକୁ ଅନୁଭବ କରୁଛି । ଏ ରାଜ୍ୟରେ ସଂଗ୍ରାମ ଜେନାଙ୍କର ବହୁ ଅନୁଗାମୀ ଏବଂ ତାଙ୍କର କମିଟିରେ କାର୍ଯ୍ୟ କରିଥିବା ବହୁ ଯୁବ ନେତା ରାଜନୀତିରେ ପ୍ରତିଷ୍ଠା ଅର୍ଜନ କରିଛଁ । ଏତଦ୍‌ଭିନ୍ନ ସେଥିଲେ ଜଣେ ବଦାନ୍ୟ ବ୍ୟକ୍ତି । ଦୁଃଖି, ଦିନ, ଦରିଦ୍ର, ବିପଦରେ ପଡ଼ିଥିବା ବ୍ୟକ୍ତି, ଗରିବ ଛାତ୍ର, ଗରିବ ରୋଗୀଙ୍କୁ ସେ ମୁକ୍ତ ହସ୍ତରେ ସାହାଯ୍ୟ କରୁଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏଆଇସିସି ସମ୍ପାଦକ ଶ୍ରୀ ଶରତ ରାଉତ କହିଥିଲେ ଯେ ସଂଗ୍ରାମ ଜେନା ତାଙ୍କର କୀର୍ତି ଓ କୃତି ପାଇଁ ଆମ ନିକଟରେ ସ୍ମରଣୀୟ । ତାଙ୍କର ସାଂଗଠନିକ ଦକ୍ଷତା, ଅସୀମ ସାହସ, କଂଗ୍ରେସ ଦଳ ଓ ଆଦର୍ଶପ୍ରତି ଆନୁଗତ୍ୟ ଏବଂ ସ୍ୱଷ୍ଟବାଦିତା ସମସ୍ତଙ୍କୁ ଆକୃଷ୍ଟ କରିଥିଲା । କଂଗ୍ରେସ ଦଳ ପାଇଁ ସେ ଜୀବନ ଉତ୍ସର୍ଗ କରିଥିଲେ । ଏହି କାର୍ଯକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶିବାନନ୍ଦ ରାୟ, ରମେଶ ଜେନା, ସମିର ରାଉତରାୟ, ୟାସିର ନୱାଜ, ବିଶ୍ୱଜିତ ଦାଶ, ମନୋଜ ରାଉତ, ମନୋଜ ଜେନା, ମନୋଜ ବିଶ୍ୱାଳ, ସୁବ୍ରତ ମହାପାତ୍ର, ଅଜୟ ସାହୁ, ସୁଦୀପ ସାମଲ, ନିହାର ବେହେରା, ଗୋପନ ମାର୍ଥା, ଅଭିଜିତ ଜେନା, ନଳିନୀକା' ନାୟକ, ମହମ୍ମଦ ଗୁଲଫାମ, ବଟକୃଷ୍ଣ ରାଉତରାୟ, ରଜନୀ ମହାଁ, ସ୍ୱାଗତ କର, ତୁଷାରକା' ତପସ୍ୱୀ, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ବିରଂଚି ବାରିକ, ଉଦିତ ପ୍ରଧାନ, ବିଭୁ ପ୍ରସାଦ ଜେନା, ବିଶ୍ୱଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ଭବାନୀ ମହାପାତ୍ରା, ମହମ୍ମଦ ପରଭେଜ, ସୁରଜ ରାଉତ, ସୌମେନ୍ଦ୍ର ମହାନ୍ତି, ବଳରାମ ନନ୍ଦ, ରନ ମହାଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Tuesday August 06 2024 ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୦୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଓଡିଶା ଆରଥ୍ରାଇଟିସ ଆଣ୍ଡ ରିଉମାଟୋଲୋଜି ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ଆର୍ଥ୍ରାଇଟିସ୍ ଏବଂ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ(ଓ,ଏ,ଆର,ଏଫ,ଟି) ଅନୁକୂଲ୍ୟରେ ହୋଟେଲ ମେ ଫେୟାର, ଭୁବନେଶ୍ୱର, ଠାରେ ରିଉମାଟୋଲୋଜି - ପଲମୋନାରୀ ମେଡ଼ିସିନ ଇଣ୍ଟରଫେସ ଉପରେ ଏକଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରିଉମାଟୋଲୋଜି ଆସୋସିଏସନ୍ (ଆଇଆରଏ), ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ (ଏ,ପି,ଆଇ) (ଓଡିଶା ରାଜ୍ୟ ଶାଖା) ଏବଂ ଓଡିଶା ଚେଷ୍ଟ ସୋସାଇଟିର ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଅନେକ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର ପ୍ରଖ୍ୟାତ ଡାକ୍ତର ମାନଙ୍କୁ ସେମାନଙ୍କ ଗବେଷଣା କାର୍ଯ୍ୟ ଓ ଏହି ବିଭାଗ ରେ ଘଟୁଥିବା ଉନ୍ନତ ଚିକିତ୍ସା ପ୍ରଣାଳୀ ବିଷୟରେ ଆଲଚ଼ନା କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ରିଉମାଟୋଲୋଜି, ପଲମୋନୋଲୋଜି ବିଭାଗ ର ଚିକିତ୍ସକ ତଥା ସ୍ନାତକୋତ୍ତର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ରିଉମାଟୋଲୋଜି-ପଲମୋନୋଲୋଜି ଇଣ୍ଟରଫେସ୍ ସହିତ ଜଡିତ D.M./D.N.B/ଚ.ଏ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନେକ ଗବେଷଣା ମୂଳକ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ ରୋଗୀ ବିବରଣୀ ପ୍ରସ୍ତୁତି ପ୍ରତିଯୋଗିତା ଓ କ୍ୱିଜ୍ ପ୍ରତିଯୋଗିତା କରାଯିବା ସହିତ ଅନେକ ଆକର୍ଷଣୀୟ ପୁରସ୍କାର ବିତରଣ କରାଯାଇଥିଲା । ଏହି ରିଉମାଟୋଲୋଜି -ପଲମୋନୋଲୋଜି ଇଣ୍ଟରଫେସ୍ କାର୍ଯ୍ୟକ୍ରମ ରେ ଭାରତୀୟ ରିଉମାଟୋଲୋଜି ଆସୋସିଏସନର ପୂର୍ବତନ ସଭାପତି ପ୍ରଫେସର ଡକ୍ଟର ଅଲକେନ୍ଦୁ ଘୋଷ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରି ଥିଲେ । ତାଙ୍କ ବକ୍ତବ୍ୟ ମାଧ୍ୟମରେ OARFT ର ଏଭଳି ପଦକ୍ଷେପକୁ ଭୁୟସୀ ପ୍ରଶଂସା କରିଥିଲେ ଏବଂ ଏଭଳି ସମ୍ମିଳନୀ ଦ୍ୱାରା ଯୁବ ଡାକ୍ତର ଙ୍କ ସହଯୋଗ, ରିଉମାଟୋଲୋଜି ରୋଗୀ ମାନଙ୍କ କ୍ଷେତ୍ର ରେ ବିପ୍ଳବ ଆଣିବ ବୋଲି ସୂଚାଇଥିଲେ । ଇଚଓ ର ଓଡିଶା ଶାଖା ଅଧ୍ୟକ୍ଷ ଡ଼ଃ. ସୁରେନ୍ଦ୍ର ନାଥ ସ୍ୱାଇଁ, ଓଡିଶା ଚେଷ୍ଟ ସୋସାଇଟି ର ସଭାପତି ପ୍ରଫେସର ଡ଼ଃ. ବନାନୀ ଜେନା, AIIMS , New Delhi ରୀଉମାଟୋଲୋଜି ବିଭାଗର ର ସହଯୋଗୀ ପ୍ରଫେସର ଡ଼ଃ. ରଞ୍ଜନ ଗୁପ୍ତା, ଓଡିଶା ଆର୍ଥ୍ରାଇଟିସ୍ ଆଣ୍ଡ ରୀଉମାଟୋଲୋଜି ସେଣ୍ଟର ର ପରିଚ଼ାଳନା ନିର୍ଦ୍ଦେଶକ ପ୍ରଫେସର ଡ଼ଃ.ଜ୍ୟୋତି ରଞ୍ଜନ ପରିଡା, ଏବଂ ବହୁ ବରିଷ୍ଠ ଚିକିତ୍ସକ ଯୋଗ ଦେଇ ବିଭିନ୍ନ ବିଭାଗ ର ମିଳିତ ସହଯୋଗ , ରୋଗୀ ସେବା ରେ କିପରି ଲାଭଦାୟକ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସର ରେ SGPGI , lucknow ର ରିଉମାଟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ. ଅମିତା ଅଗ୍ରୱାଲ ଙ୍କୁ ଚିକିତ୍ସା କ୍ଷେତ୍ରରେ ଜୀବନ ବ୍ୟାପି ଗବେଷଣା ଏବଂ ଶିକ୍ଷାଦାନ ନିମନ୍ତେ ଓଡିଶା ଆର୍ଥ୍ରାଇଟିସ୍ ଆଣ୍ଡ ରୀଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ତରଫରୁ "ଓ,ଏ,ଆର,ଏଫ,ଟି,-୨୦୨୪ ସମ୍ମାନ" ପ୍ରଦାନ କରାଯାଇଥିଲା । ଶେଷରେ ଓ,ଏ,ଆର,ଏଫ,ଟି, ର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡ଼ଃ.ଜ୍ୟୋତି ରଞ୍ଜନ ପରିଡା ସମସ୍ତ ଅତିଥି , ଚିକିତ୍ସକ, ଛାତ୍ରଛାତ୍ରୀ ତଥା କର୍ମକର୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଗଠିତ ହେବ ଆଲୁମିନି ଆସୋସିଏସନ

ପାରାଦୀପ ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଓଡ଼ିଶା ମାନଚ଼ିତ୍ରରେ ଏକ ସୁନାମଧନ୍ୟ ଓ ଅଗ୍ରଣୀ ମହାବିଦ୍ୟାଳୟ ଭାବରେ ପରିଗଣିତ। ଆସନ୍ତା ଅଗଷ୍ଟ ୧୨ ତାରିଖ ଦିନ ମହାବିଦ୍ୟାଳୟ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ତେଣୁ ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଏହି ବର୍ଷ ପାଳନ କରାଯିବାର ଯୋଜନା ରହିଛି । ଏଥିନିମନ୍ତେ ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଆଲୁମିନି ଆସୋସିଏସନ୍ ଗଠନ କରିବାର ପ୍ରୟାସ କରାଯାଉଛି କ୍ଷ ଏହି ପରିପ୍ରେକ୍ଷୀରେ ସୋମବାର ଦିନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀ ଗଣମାଧମ ଜରିଆରେ ସମସ୍ତ ପୁରାତନ ଛାତ୍ରଛାତ୍ର ମାନଙ୍କୁ ଅନୁରୋଧ କରିଛନ୍ତି ଯେ, ସେମାନେ ୧୧.୦୮.୨୦୨୪ ରିଖ (ରବିବାର?) ଦିନ ୧୦ ଟା ୩୦ ମିନିଟ ସମୟରେ କଲେଜ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଏ ପ୍ରକ୍ରିୟାରେ ସାହାଯ୍ୟ ଓ ସହଯୋଗ କରିବେ । ଏହି ବିଷୟରେ ଅଧିକ ତଥ୍ୟ ପାଇଁ ୯୯୩୭୧୯୧୨୭୪,୯୪୩୭୧୮୩୬୦୪, ୯୪୩୭୩୬୧୪୨,୭୭୮୫୪୨୧୩ ୮୩୨୮୯୯୪୮୦୯ ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ମହାବିଦ୍ୟାଳୟ ପକ୍ଷରୁ ସୂଚ଼ନା ଦୋଆଯାଇଛି ।

# ମିଡ଼ିଆ ଫୋରମର ଦ୍ୱିବାର୍ଷିକ ନିର୍ବାଚ଼ନ: ସୂର୍ଯ୍ୟ ନାରାୟଣ ସଭାପତି, ଶିବ ସମ୍ପାଦକ



ଫୁଲବାଣୀ,(ପି.ଏନ) :ପଞ୍ଜୀକୃତ କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ଦ୍ୱିବାର୍ଷିକ ନିର୍ବାଚ଼ନ ସ୍ଥାନୀୟ ଜିଲ୍ଲା ପ୍ରେସ କ୍ଲବ ଠାରେ ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପୂର୍ବ ବୈଠକର ନିଷ୍ପତ୍ତି ପ୍ରକାରେ ଚ଼ଳିତ ବର୍ଷର ନୂତନ କମିଟି ଗଠନ ପାଇଁ ମିଡିଆ ଫୋରମ ସଂଘ ନିର୍ବାଚ଼ନ ଅଧିକାରୀ ଭାବେ ଗୋପାଳ କୃଷ୍ଣ ପଟ୍ଟନାୟକ ଏବଂ ସହ ନିର୍ବାଚ଼ନ ଅଧିକାରୀ ଭାବେ ବରିଷ୍ଠ ସାମ୍ବାଦିକ ଅଜିତ ମହାରଣାଙ୍କୁ ଦାୟିତ୍ୱ ତୁଲାଇବାକୁ ଅନୁରୋଧ କରାଯାଇଥିଲା । ସର୍ବ ସମ୍ମତି କ୍ରମେ ସଭାପତି ଭାବେ ସାମ୍ବାଦିକ ଡଃ ସୂର୍ଯ୍ୟ ନାରାୟଣ ବେହେରା ଙ୍କୁ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଶିବ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା କ୍ଷ ସେହିପରି ଉପସଭାପତି ଭାବେ ରମେଶ ଚ଼ନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଭାବେ ଶିବ ପ୍ରସାଦ ନାୟକ,କୋଷାଧକ୍ଷ ଭାବେ ପ୍ରଶାନ୍ତ କୁମାର ପଣ୍ଡା ଏବଂ ଆଇନ ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରାଙ୍କୁ ଚ଼ୟନ କରାଯାଇଥିଲା କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସୁନୀଲ ବିଶ୍ୱାଳ,ଗୋପାଳ କୃଷ୍ଣ ପଟ୍ଟନାୟକ,ଶିବାନନ୍ଦ ପଟ୍ଟନାୟକ, ତ୍ରିନାଥ ସାହୁ, ପୂର୍ବତନ ସଭାପତି ସନ୍ତୋଷ କୁମାର ଦିଗାଲ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀ,ବୈଦ୍ୟ ନାଥ ନାୟକ, ପ୍ରଶାନ୍ତ ଜେନା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶିବ ରାମ ନାୟକ, ବିମଳ ନାୟକ, ବ୍ରଜ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ପୁର୍ବତନ ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ନୂତନ ସାଧାରଣ ସମ୍ପାଦକ ଶିବ ବିଶ୍ୱାଳଙ୍କୁ ସମସ୍ତ ଦାୟିତ୍ୱ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସମ୍ମୁଖରେ ପ୍ରଦାନ କରି ସୂଚ଼ାରୁ ରୂପେ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ କ୍ଷ ପରେ ନବ ନିର୍ବାଚ଼ିତ ସଭାପତି ଓ କର୍ମକର୍ତ୍ତା ମାନେ ସଂଘର ନୀତି ନିୟମ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ଶେଷରେ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରି ସଭାଭଙ୍ଗ କରିଥିଲେ ।

# ଡିଏଭି ପୋଖରୀପୁଟରେ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ




ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ପ୍ରାପ୍ତ କରିଥିବା ମୋଟ ୯୮ (ଦଶମ-୬୨, ଦ୍ୱାଦଶ-୩୬) ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଭବ୍ୟ ସମାରୋହକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜ ପ୍ରତାପ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି 'ନିଷ୍ଠା ଓ ଏକାଗ୍ରତା ସଫଳତାର ମୂଳମନ୍ତ୍ର' ଏବଂ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜର ଅଭିଭାଷଣରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସମୂହଗାନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ସ୍ୱାଗତ ପରିଚୟ ପ୍ରଦାନ କରିବା ସହ କଠୋର ପରିଶ୍ରମ ହିଁ ସଫଳତାର ମହାମନ୍ତ୍ର ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡିଏଭି ଅନୁଷ୍ଠାନ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଯୋଗଦାନ କରି ମାତାପିତାଙ୍କୁ ଈଶ୍ୱର ରୂପେ ଗ୍ରହଣ କରି ତାଙ୍କର ଆଶିଷ ଲାଭ କଲେ ବିଦ୍ୟାର୍ଥୀ ସଫଳତାର ଶୀର୍ଷରେ ପହଞ୍ଚି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ଅନୁଷ୍ଠାନର ସଫଳତା ବିବରଣୀ ପାଠପୂର୍ବକ ସମାଜର ଅଗ୍ରଣୀ ସେବକ ଭାବେ ନିଜକୁ ଗଢ଼ିତୋଳିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଡିଏଭି କଳିଙ୍ଗନଗର ପରିଚାଳନା ସମିତିର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା, ଡିଏଭି ଅନୁଷ୍ଠାନ ସମୂହର ଆଞ୍ଚଳିକ ଅଧିକାରୀ ଡ. ସୁଜାତା ତଥା କଟକ ଓ ଭୁବନେଶ୍ୱର ସ୍ଥିତ ଡିଏଭି ସ୍କୁଲର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

# ପଞ୍ଜୀଲ ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ଆସୁନଥିବା ଅଭିଯୋଗ



ଲମତାପୁଟ:(ପି ନ ଏ) କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତର ପଞ୍ଜୀଲ ଗ୍ରାମରେ ଅଙ୍ଗନବାଡି ଦିଦି ମାସ ଥରେ ଦୁଇ ଥର ଆସୁଥିବା ମନ ମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ପଞ୍ଜୀଲ ଗ୍ରାମର ସେଣ୍ଟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ୧୦ ବର୍ଷ ହେବ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଛତୁଆ ଗର୍ଭବତୀ ଓ ପ୍ରସୂତିଙ୍କୁ ପ୍ରଦାନ କରାଯାଉନଥିବା ଅଭିଯୋଗ ମଧ ହୋଇଛି ।ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ରାଜ୍ୟ ଓ କେନ୍ଦ୍ର ସରକାର ଅପପୁଷ୍ଟିରୁ ରକ୍ଷା କରିବା ପାଇଁ ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ସମେତ ୬ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ ,ବାଦାମ ଲଡୁ, ସୁଜିହାଓ୍ୱା,ଅଣ୍ଡା,ଅପପୁଷ୍ଟି ଶିଶୁଙ୍କ ପାଇଁ ପୁଷ୍ଟି ବନ୍ଦିତ ଛତୁଆ ପ୍ରତି ମାସରେ ଯୋଗାଇ ଦେଉଛନ୍ତି ।କିନ୍ତୁ ସେଥିରେ ବ୍ୟତିକ୍ରମ ହୋଇଥିବା ଶିଶୁ ବିକାଶ ଅଧୀନରେ ଥିବା ପଞ୍ଜୀଲ ଅଙ୍ଗବାଡି କେନ୍ଦ୍ର ଗୁଡ଼ିକରେ ଦେଖିବାକୁ ମିଳୁଛି ।ଉକ୍ତ କେନ୍ଦ୍ର ମାନଙ୍କରେ ପ୍ରତି ମାସରେ ଗର୍ଭବତୀ ମହିଳା ମାନଙ୍କୁ ୪ କିଲୋ ୯୦୦ ଗ୍ରାମ ଛତୁଆ ସହ ୫୦୦ ଗ୍ରାମ ଓଜନର ୨୫ଟି ବାଦାମ ଲଡୁ,ଅଣ୍ଡା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।ସେହି ପରି ପ୍ରସୂତିଙ୍କୁ ୪ କିଲୋ ୯୦୦ ଗ୍ରାମ ଓଜନର ଛତୁଆ ଏବଂ ୫୦୦ ଗ୍ରାମ ଓଜନର ୨୫ଟି ବାଦାମ ଲଡୁ, ଅଣ୍ଡା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।୬ମାସ ରୁ ୩ ବର୍ଷର ଶିଶୁ ମାନଙ୍କୁ ୧ କିଲୋ ୫୦୦ ଗ୍ରାମ ଛତୁଆ ପ୍ୟାକେଟ ଓ ଅଣ୍ଡା ଏବଂ ପୁଷ୍ଟିହୀନ ଶିଶୁ ମାନଙ୍କ ପାଇଁ ୪ମାସ ନିମନ୍ତେ ୧୦୦ଗ୍ରାମର ୨୮ ପ୍ୟାକେଟ ପୁଷ୍ଟିବନ୍ଦିତ ଛତୁଆ ପ୍ରଦାନ କରିବାର ନିୟମ ରହିଛି ।କିନ୍ତୁ ଏହା ବଦଳରେ ବର୍ତ୍ତମାନ ଅଙ୍ଗନବାଡ଼ି କର୍ମୀ କେବଳ ସବୁ ସାମଗ୍ରୀ ଅଦାଅଦା ଜିନିଷ ଦେଇ ନଥିବା ଅଭିଯୋଗ ହୋଇଛି। ପଞ୍ଜୀଲ ଗ୍ରାମର ଅଙ୍ଗନବାଡ଼ି କର୍ମୀ ଶ୍ରୀ ମତୀ ସୁମିତ୍ରା ଅଙ୍ଗେଲ ଅଙ୍ଗନଓ୍ୱାଡି କେନ୍ଦ୍ରରେ ସପ୍ତାହ କୁ ଥରେ ଏବଂ ମାସକୁ ଦୁଇ ଦିନ କିମ୍ବା ତିନି ଥର ଆସୁଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ,ଏବଂ ଠିକ ଭାବରେ ଗର୍ଭବତୀ ମହିଳା ଓ ପ୍ରସୁତି ମହିଳା ମାନଙ୍କୁ ଅଣ୍ଡା, ଛତୁଆ, ଭଳି ଯେଉଁ ସରକାରୀ ମିଳିବାର ଦରକାର ସେହି ସବୁ ପାଇଁ ପାରୁନାହାନ୍ତି । ପିଲା ମାନଙ୍କୁ ମଧ ଠିକ ଭାବରେ ପାଠ ପଡାଉନାହାନ୍ତି ।ପିଲାମାନେ ଅଙ୍ଗନବାଡ଼ି ସ୍କୁଲରେ ନରହି ଅନ୍ୟ କୁହୁଠି ,ନଦୀ ନାଳ ଯାଇ ଥାଉଛନ୍ତି ।ଅଙ୍ଗନଓ୍ୱାଡି ଦିଦି ସରକାରୀ ତରଫରୁ ଯେତିକି ସବୁ ଖାଇବା ଜିନିଷ ଯାକ କୁ ପିଲା ମାନଙ୍କୁ ନ ଦେଇ ବିକ୍ରି କରି ଖାଇ ଦେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ।ଏହି ଘଟଣା ସମ୍ପର୍କରେ କୋରାପୁଟ ଜିଲ୍ଲାପାଳ ଏବଂ ଲମତାପୁଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଲିଖିତ ପତ୍ର ପ୍ରଦାନ କରିଥିଲେ ମଧ କୌଣସି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି । ଏନେଇ ସିଡ଼ିପିଓଙ୍କୁ ଫୋନ ଯୋଗେ ପଚ଼ାରିବାରୁ ସେ କହିଛନ୍ତି ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସିଡ଼ିପିଓ କହିଛନ୍ତି। ଏଥିପ୍ରତି କେବେ କୋରାପୁଟ ଜିଲ୍ଲାପାଳ ଏବଂ ଲମତାପୁଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦୃଷ୍ଟି ଆକର୍ଷଣ କରିବେ ତାହା ଦେଖିବାକୁ ବାକି ରହିଲା।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray